

ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଚିତ୍ରଶିଳ୍ପୀ ବି. ବିନିତା କୁମାରୀଙ୍କ ଚିତ୍ରକଳା ପ୍ରଦର୍ଶନୀ 'ଉତ୍କର୍ଷ'ର ତୃତୀୟ ଦିବସ, ଲଳିତକଳା ଏକାଡେମୀ, ଖାରବେଳ ନଗର, ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା।
- ସିବିଏସ୍ଇ କ୍ଲଷ୍ଟର-୨ ଆନ୍ତଃବିଦ୍ୟାଳୟ ବାସ୍କେଟ୍ ବଲ୍ ଟୁର୍ନାମେଣ୍ଟ-୨୦୧୮ର ଦ୍ୱିତୀୟ ଦିବସ, ବିଜେଇଏମ୍ ସ୍କୁଲ ପରିସର, ପୂର୍ବାହ୍ନ ୧୦ଟା।
- ଗ୍ରାମୀଣ ଡାକ ସେବକମାନଙ୍କ ଘୋଷିତ ସପ୍ତମ ବେତନ କମିଶନ ଠିକ୍ କାର୍ଯ୍ୟକାରୀ ଦାବିରେ ଭୁକା ହରତାଳ, ପିଏମ୍ଜି ଅଫିସ ପରିସର, ପୂର୍ବାହ୍ନ ୧୦ଟା।
- ରନ୍ଧନ ଗ୍ୟାସ୍ର ଅହେତୁକ ଦର ବୃଦ୍ଧି ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ବିକ୍ଷୋଭ, ଆଇଓସିଏଲ୍ ଅଫିସ ସମ୍ମୁଖ, ଚନ୍ଦ୍ରଶେଖରପୁର, ପୂର୍ବାହ୍ନ ୧୦ଟା ୩୦।
- ୧୦ମ କଟନଫାବ୍-୨୦୧୮, ଗେଟ୍ ନଂ. ୩, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ଜାତୀୟ ଆଦିବାସୀ କଳା, ସଂସ୍କୃତି, ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୧ଟାରୁ ଆରମ୍ଭ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ଏଆଇଏମ୍ଏସ୍ଏସ୍ ପକ୍ଷରୁ ମହିଳାଙ୍କ ଅଧିକାର ସୁରକ୍ଷା ଦାବିରେ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା ୩୦।
- ହକି ବିଶ୍ୱକପ୍ ୨୦୧୮ ଆୟୋଜନ ଅବସରରେ ଓଡ଼ିଶା ଖଣି ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଲଳିତକଳା ଏକାଡେମୀ ପକ୍ଷରୁ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଶିବିର, ପାନ୍ଥନିବାସ କଳିଙ୍ଗ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ ପ୍ରାଣୀ ଦିବସ ପାଳନ ଏବଂ ସଚେତନତା ଅଭିଯାନ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୮, ଅପରାହ୍ନ ୨ଟା।
- ଖାଦ୍ୟ ମହୋତ୍ସବ, ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୪ଟା।
- ସର୍ବଭାରତୀୟ ମିଳିତ ମହିଳା ଶାନ୍ତି ଅଭିଯାତ୍ରୀ ଦଳର ଓଡ଼ିଶା ଆଗମନ ଅବସରରେ ସମ୍ବର୍ଦ୍ଧନା ସଭା, ମାଷ୍ଟରକ୍ୟାଣ୍ଟିନ ଛକ, ସନ୍ଧ୍ୟା ୬ଟା। ଶୋଭାଯାତ୍ରା, ରାଜମହଲ ଛକ, ଅପରାହ୍ନ ୫ଟା ୩୦।
- ଅନ୍ୱେଷଣ ଓ ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର କଳିଙ୍ଗ ପକ୍ଷରୁ ନାଟକ 'ଡାକମୁନ୍ସୀ' ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବର ଉଦ୍ଘାଟନୀ ସନ୍ଧ୍ୟା, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

### ପୁରୀ

- ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଓ ଜନ ଅଧିକାର ସମିତିର ମିଳିତ ସହଯୋଗରେ ନାଗରିକ ସମ୍ବର୍ଦ୍ଧନା, ସ୍ୱସ୍ତିକ ମଣ୍ଡପ, ବଡ଼ଦାଣ୍ଡ, ସନ୍ଧ୍ୟା ୬ଟା ୩୦।

## ଯୁକ୍ତ୨ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୩।୧୦(ବ୍ୟୁରୋ):** ଶହୀଦନଗର ଥାନା ଅନ୍ତର୍ଗତ ବାୟାବାବା ମଠ ଅଞ୍ଚଳରେ ରହୁଥିବା ମନୀଷ ବେହେରା ନାମକ ଛାତ୍ର ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ସେ ବିଜେବି କଲେଜ ଯୁକ୍ତ ୨ ବାଣିଜ୍ୟ ପ୍ରଥମ ବର୍ଷରେ ପଢୁଥିଲେ। ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ମନୀଷ କଲେଜରୁ ଘରକୁ ଫେରିଥିଲେ। ମା' ଖାଇବା ପାଇଁ ଡାକିବାରୁ ସେ ଖାଦ୍ୟ ଖାଇ ଆସିଥିବା କହି ନିଜ ରୁମକୁ ଶୋଇବାକୁ ଚାଲିଯାଇଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳକୁ ମନୀଷ ନ ଉଠିବାରୁ ତାଙ୍କ ମା' କବାଟ ବାଡେଇଥିଲେ। କିନ୍ତୁ ମନୀଷ କବାଟ ଖୋଲି ନ ଥିଲେ। ପୁନର୍ବାର ୫ଟାରେ କବାଟ ବାଡେଇଥିଲେ ମଧ ସେ ଉଠି ନ ଥିଲେ କି ଭିତରୁ କୌଣସି ଉତ୍ତର ଦେଇ ନ ଥିଲେ। ତେଣୁ ସେ ପାଖ ପଡ଼ିଶାଙ୍କୁ ଡାକି କବାଟ ଭାଙ୍ଗିଥିଲେ। ସେତେବେଳକୁ ମନୀଷ ରୁମ୍ ଭିତରେ ଏକ ରସିରେ ଫ୍ୟାନରେ ଝୁଲିପଡ଼ିଥିଲେ। ଖବର ପାଇ ପୋଲିସ ପହଞ୍ଚି ମନୀଷଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମନୀଷ ଜଣେ ମେଧାବୀ ଛାତ୍ର ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(୬୫/୧୮) ରୁଜୁ ହୋଇଛି।

## ଏସ୍ସିବିରେ ଡେଙ୍ଗୁ ମୃତ୍ୟୁ

**କଟକ ଅଫିସ, ୩।୧୦:** ବୁଧବାର ଏସ୍ସିବି ମେଡିକାଲରେ ଆଉ ଜଣେ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିରଞ୍ଚି ମେହେନା (୪୨)। ତାଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମରେ। ବିରଞ୍ଚି ଗତ ୨୭ ତାରିଖରେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଏସ୍ସିବିରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଇସିୟୁକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଚାଲିଥିଲା। ହେଲେ ଆଇସିୟୁରେ ତାଙ୍କର ମୃତ୍ୟୁ ଘଟିଛି। ବିରଞ୍ଚିଙ୍କ ମୃତ୍ୟୁକୁ ମିଶାଇ ଏସ୍ସିବିରେ ଚଳିତବର୍ଷ ମୋଟ ୬ଜଣ ଡେଙ୍ଗୁ ରୋଗୀଙ୍କ ମୃତ୍ୟୁ ଘଟିଲାଣି।

### ନାମାଙ୍କନପତ୍ର ଦାଖଲ ପରେ

# ରାଜଧାନୀ କଲେଜରେ ବୋମାମାଡ଼

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

- ଛାତ୍ରୀଛାତ୍ରଙ୍କ ଧାରଣା
- ବାତିଲ ହୋଇପାରେ ନିର୍ବାଚନ

ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜଧାନୀ କଲେଜରେ ହିଂସା ସୃଷ୍ଟି ହୋଇଛି। ପୂର୍ବରୁ କେତେଜଣ ଛାତ୍ର ଏବଂ ଅଣଛାତ୍ର ମିଶି କଲେଜରେ ଜଣେ ଛାତ୍ରଙ୍କୁ ମାଡ ମାରିଥିଲେ। ଏହାକୁ ନେଇ କଲେଜ ଅଶାନ୍ତ ହୋଇପଡ଼ିଥିଲା। ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ନାମାଙ୍କନପତ୍ର ଦାଖଲ ସୁରୁଖୁରରେ ଶେଷ ହୋଇଥିବାବେଳେ ଅପରାହ୍ନରେ କଲେଜ ଅଡିଟୋରିୟମ ଉପରେ ବୋମାମାଡ ହୋଇଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିଲେ ମଧ ଘଟଣା ପରେ କ୍ୟାମ୍ପସରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ମୁତାବକ, ବୁଧବାର ପୂର୍ବାହ୍ନ ପ୍ରାୟ ୯ଟାରେ ଦୁଇ ଛାତ୍ରଗୋଷ୍ଠୀ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ଗୋଟିଏ ଛାତ୍ର ଗୋଷ୍ଠୀ ପକ୍ଷରୁ ସଭାପତି ପ୍ରାର୍ଥୀ ଭାବେ ବିପାଶାରାଣୀ ବଳିୟାରସିଂହ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସାଧାରଣ ସମ୍ପାଦକ ପଦବୀ ପାଇଁ ଅନିଲ ନାୟକ, ଉପସଭାପତି ପ୍ରାର୍ଥୀ ପ୍ରଶାନ୍ତ ଦଳେଇ, ଅତିରିକ୍ତ ସାଧାରଣ ସମ୍ପାଦକ ପ୍ରାର୍ଥୀ ଚନ୍ଦନ ମହାପାତ୍ର, ଡ୍ରାମାଟିକ୍ ସେକ୍ରେଟାରି ପ୍ରାର୍ଥୀ ରାକେଶ ସାହୁ, ଅତିରିକ୍ତ ଡ୍ରାମାଟିକ୍ ସେକ୍ରେଟାରି ପ୍ରାର୍ଥୀ ସରସ୍ୱତୀ ସାହୁ, କ୍ରୀଡ଼ା ସମ୍ପାଦକ ପ୍ରାର୍ଥୀ ପ୍ରିନ୍ସ ଆଓ୍ୱାନ, ଅତିରିକ୍ତ କ୍ରୀଡ଼ା ସମ୍ପାଦକ ପାଇଁ ରାଜୀବ ଲୋଚନ ସାହୁ, କମନରୁମ୍ ସମ୍ପାଦକ ପାଇଁ କରିସ୍ମା ବେଗମ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଅନ୍ୟ ଏକ ଛାତ୍ର ଗୋଷ୍ଠୀର ସଭାପତି ପ୍ରାର୍ଥୀ ଭାବେ ସଚେତରାଜ ପରିଡା ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ସାଧାରଣ ସମ୍ପାଦକ ପଦବୀ ପାଇଁ ରାଜେଶ ଶର୍ମା ନାମାଙ୍କନପତ୍ର ଦାଖଲ କରିଛନ୍ତି।

ତେବେ ଗୋଟିଏ ଛାତ୍ର ଗୋଷ୍ଠୀ ପକ୍ଷରୁ ନାମାଙ୍କନପତ୍ର ଦାଖଲ କରିଥିବା ସଭାପତି ପ୍ରାର୍ଥୀଙ୍କର ୭୫% ଉପସ୍ଥାନ ନ ଥିବା ପ୍ରତିପକ୍ଷ ସଭାପତି ପ୍ରାର୍ଥୀ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କଲେଜ କର୍ତ୍ତୃପକ୍ଷ ଉପସ୍ଥାନ ଖାତା ଚୋରି ହୋଇଯାଇଥିବା କହିଥିଲେ। କର୍ତ୍ତୃପକ୍ଷଙ୍କ ଏପରି ମନ୍ତବ୍ୟକୁ ବିରୋଧ କରି ସମ୍ପୃକ୍ତ ଛାତ୍ର ଗୋଷ୍ଠୀ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। କିଛି ସମୟ ପରେ କଲେଜ ଅଡିଟୋରିୟମ ହଲ୍ ଉପରକୁ ବୋମାମାଡ଼ ହୋଇଥିଲା। ଏହାକୁ ନେଇ କ୍ୟାମ୍ପସରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଧାରଣାରେ ବସିଥିବା ଛାତ୍ରୀଛାତ୍ରମାନେ ବୋମାମାଡ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ପୁଣି ରାତି ୯ଟା ଯାଏ କଲେଜ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ଖଣ୍ଡଗିରି ଥାନା ଆଇଆଇସି ପହଞ୍ଚି ବୋମାମାଡ଼ କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଉପସ୍ଥାନ ଯାଞ୍ଚ ନେଇ ବୈଠକ କରି ନିଷ୍ପତ୍ତି ନିଆଯିବ ବୋଲି କହିବାରୁ ଧାରଣା ହଟିଥିଲା। କ୍ୟାମ୍ପସ ଅଶାନ୍ତ ରହିଥିବାବେଳେ ଆଗକୁ ଯଦି ଅଧିକ ହିଂସା ସୃଷ୍ଟି ହୁଏ ତେବେ ନିର୍ବାଚନ ବାତିଲ ହେବାର ଆଶଙ୍କା ରହିଛି।

### ମହଙ୍ଗା ପଡ଼ିଲା ଆନ୍ଦୋଳନ

# ରେଭେନ୍ଶାର ୧୧ ଛାତ୍ରୀଛାତ୍ରଙ୍କ ନାଁରେ ଏତଲା

**କଟକ ଅଫିସ,୩।୧୦**

**୧୦୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ନୋଟିସ, ଚିହ୍ନଟ ହେବେ ଅଣଛାତ୍ର**

ରେଭେନ୍ଶା ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ, କୁଳପତି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ୧୩ ଘଣ୍ଟା ଧରି କୁଳପତିଙ୍କ ସମ୍ମିଳନୀ କକ୍ଷରେ ଅଟକ ରଖିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ ହୋଇଛି। ଆନ୍ଦୋଳନର ନେତୃତ୍ୱ ନେଇଥିବା ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କ ସମେତ ଭାର୍ଗବୀ ହଷ୍ଟେଲର ମୁଖ୍ୟ ପାଟକ ତାଲା ଭାଙ୍ଗିଥିବା ୯ଜଣ ଛାତ୍ରୀଙ୍କ ନାମରେ ମାଲଗୋଦାମ ଥାନାରେ ଏତଲା ଦିଆଯାଇଛି। ଏହାଛଡ଼ା ତାଲା ଭାଙ୍ଗିବାରେ ସହାୟତା କରିଥିବା ୪ଜଣ ଅଣଛାତ୍ରଙ୍କୁ ଶୀଘ୍ର ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଶ୍ୱବିଦ୍ୟାଳୟର ଶୃଙ୍ଖଳା ଭାଙ୍ଗିବା ଅଭିଯୋଗରେ ଏହି ପଦକ୍ଷେପ ନିଆଯାଇଥିବା କୁଳପତି ପ୍ରଫେସର ଇଶାନ କୁମାର ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। କ'ଣ ପାଇଁ ରାତିରେ ବାହାରେ ରହିଥିଲେ ଓ ହଷ୍ଟେଲ ୱାର୍ଡେନଙ୍କ ବିନା ଅନୁମତିରେ ରାତି ୩ଟା ୩୦ ପରେ କିପରି ଫେରିଲେ। କ'ଣ ପାଇଁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହାର ଉତ୍ତର ଆସନ୍ତା ୫ ତାରିଖ ସନ୍ଧ୍ୟା ୮ଟା ସୁଦ୍ଧା ଦେବାକୁ ଉକ୍ତ ନୋଟିସରେ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏଥିସହ ୬ ତାରିଖ ସନ୍ଧ୍ୟା ୬ଟାରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ମଧ ନିର୍ଦ୍ଦେଶ ରହିଛି। ବିଭିନ୍ନ ହଷ୍ଟେଲର ୱାର୍ଡେନଙ୍କ ଜରିଆରେ ଏହି ନୋଟିସ ପ୍ରକାଶ ପାଇଥିବା ପ୍ରଫେସର ପାତ୍ର ଜଣାଇଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ବିରୋଧରେ ଏହିଭଳି ନିର୍ଦ୍ଦେଶକୁ କେତେଜଣ ଛାତ୍ରନେତା ବିରୋଧ କରିବା ସହ ବ୍ୟାପକ ଛାତ୍ର ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟରେ ପରୋକ୍ଷ ନିର୍ବାଚନ ନିଷ୍ପତ୍ତିକୁ ନେଇ ଛାତ୍ର ଅସନ୍ତୋଷ ଲାଗି ରହିଥିଲା। ଏହାକୁ ବିରୋଧ କରି ଛାତ୍ରମାନେ ଆନ୍ଦୋଳନ ଚଳାଇଥିବାବେଳେ ସୋମବାର ଛାତ୍ର ସଂସଦ ନିର୍ବାଚନକୁ ସମ୍ପୂର୍ଣ୍ଣ ବାତିଲ କରିଦିଆଯିବା ପରେ ଏହା ତୀବ୍ର ହୋଇଥିଲା। ଉତ୍ୟକ୍ତ ଛାତ୍ରୀଛାତ୍ର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କୁ ସୋମବାର ଅପରାହ୍ନ ସାଢ଼େ ୪ଟାରୁ ଅଟକ ରଖିଥିଲେ। ଏଥିସହ ରାତି ପ୍ରାୟ ୧୧ଟା ସମୟରେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମଙ୍ଗଳବାର ଭୋର୍ ୫ଟା ୩୦ରେ ଆନ୍ଦୋଳନରତ ଛାତ୍ରୀଛାତ୍ର ଧାରଣାରୁ ଉଠି ଚାଲିଯିବା ପରେ କୁଳପତି ପ୍ରଫେସର ପାତ୍ର ଓ ଅନ୍ୟମାନେ ମୁକୁଳିଥିଲେ।

# ଉଜ୍ଜ୍ୱଳା ଯୋଜନା ରାଜ୍ୟବାସୀଙ୍କ ଦ୍ୱାରା ଆଦୃତ ହୋଇଛି: ପ୍ରୀତିଶ ଭାରତ

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

ଉଜ୍ଜ୍ୱଳା ଯୋଜନା ରାଜ୍ୟବାସୀଙ୍କ ଦ୍ୱାରା ଆଦୃତ ହୋଇଛି। ଏନେଇ ବୁଧବାର ତୈଳ ବିପଣନ କମ୍ପାନୀ ସଂଯୋଜକ ପ୍ରୀତିଶ ଭାରତ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ମାର୍ଚ୍ଚ ୨୦୧୮ ସୁଦ୍ଧା ରାଜ୍ୟରେ ୨୩ଲକ୍ଷ ଗରିବ ମହିଳା ହିତାଧିକାରୀଙ୍କୁ ଗ୍ୟାସ୍ ସଂଯୋଗ ଦିଆଯାଇଥିଲା। ଜୁନ୍, ଜୁଲାଇ ଏବଂ ଅଗଷ୍ଟରେ ଏହି ହିତାଧିକାରୀଙ୍କ ମଧ୍ୟରୁ ୧୬ଲକ୍ଷ ମହିଳା ଗ୍ୟାସ୍ ରିଫିଲିଙ୍ଗ କରାଇଛନ୍ତି। ଏହା ଉଜ୍ଜ୍ୱଳାର ସଫଳତାର ପ୍ରମାଣ ବୋଲି ସେ କହିଛନ୍ତି। ଦେଶର ପ୍ରତ୍ୟେକ ରାଜ୍ୟରେ ଏସଇସିସି ତାଲିକା ଅନୁଯାୟୀ ହିତାଧିକାରୀଙ୍କୁ ଚୟନ କରାଯାଇ ଉଜ୍ଜ୍ୱଳା ଯୋଜନାରେ ସାମିଲ କରାଯାଇଛି। ଏହି ତାଲିକାକୁ ସାର୍ବଜନୀନ ମଧ କରାଯାଇଛି। ଏହି ତାଲିକାରେ କୌଣସି ବ୍ୟତିକ୍ରମ ହୋଇ ନାହିଁ। ଦେଶରେ ପେଟ୍ରୋଲିୟମ ଜାତ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିଥିଲେ ମଧ ସାଧାରଣ ଗ୍ରାହକମାନେ ବ୍ୟବହାର କରୁଥିବା ଘରୋଇ ଗ୍ୟାସର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ ଭିତରେ ରଖିବା ପାଇଁ ସବ୍ସିଡି ଦେଇ ଆର୍ଥିକ ବୋଝ କେନ୍ଦ୍ର ସରକାର ନେଇଛନ୍ତି। ୨୦୧୪ରେ ଗ୍ୟାସ ମୂଲ୍ୟ ଉପରେ କୌଣସି ଟିକସ ନ ଥିବାବେଳେ ଏବେ ରାଜ୍ୟ ସରକାର ୨.୫ପ୍ରତିଶତ ଟିକସ ଲାଭ ପାଉଛନ୍ତି ବୋଲି ସେ କହିଛନ୍ତି।

### ଐତିହ୍ୟ ସଂରକ୍ଷଣ ପାଇଁ ଯୁବପିଢ଼ିଙ୍କ ଅଭିନବ ପ୍ରୟାସ

# ଖଣ୍ଡଗିରି-ଉଦୟଗିରିରୁ ଲିଭାଇଲେ ପ୍ରେମୀଯୁଗଳଙ୍କ ନାଁ, ଠିକଣା



**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ପାଇଁ ଅଣ୍ଟାଭିଡ଼ିଛନ୍ତି କେତେକ ଯୁବପିଢ଼ି। କିଛିଦିନ ତଳେ ଶାନ୍ତିସ୍ତୂପ ଧଉଳିର ବିଭିନ୍ନ ସ୍ଥାନରେ ଲେଖାଯାଇଥିବା ନାଁ, ଠିକଣାକୁ ଲିଭାଇ ଏହାର ସୌନ୍ଦର୍ଯ୍ୟ ରକ୍ଷା କରିଥିବା ୟୁଥ୍ ଫର୍ ସେବାର ସଦସ୍ୟମାନେ ଏବେ ଆଉ ଏକ ପଦକ୍ଷେପ ନେଇଛନ୍ତି। ଗୌରବମୟ କୀର୍ତ୍ତିରାଜି ଖଣ୍ଡଗିରି-ଉଦୟଗିରି ପାହାଡ଼ର ସୌନ୍ଦର୍ଯ୍ୟ ରକ୍ଷା ବର୍ତ୍ତମାନର ଯୁବପିଢ଼ିଙ୍କ କର୍ତ୍ତବ୍ୟ। ଏହି ବାର୍ତ୍ତାକୁ ବହନ କରି ସଙ୍ଗଠନର କେତେଜଣ ଯୁବତୀ, ଯୁବକ ମଙ୍ଗଳବାର ପାହାଡ଼ର ବିଭିନ୍ନ ସ୍ଥାନରେ ପ୍ରେମୀଯୁଗଳଙ୍କ ଦ୍ୱାରା ପଥରରେ ଲେଖାଯାଇଥିବା ନାଁ, ଠିକଣାକୁ ଲିଭାଇଥିଲେ। ଏହାସହ ଐତିହ୍ୟର ସୌନ୍ଦର୍ଯ୍ୟ ନଷ୍ଟ କରୁଥିବା ଏଭଳି ଲେଖା ନ ଲେଖିବାକୁ ଏବଂ ଆମ ଇତିହାସର ଗୌରବଗାଥା ବହନ କରୁଥିବା କୀର୍ତ୍ତିରାଜିକୁ ନଷ୍ଟ ନ କରିବାକୁ ଲୋକଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୫ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ।

ଏହାବ୍ୟତୀତ କେତେଜଣ ଯୁବ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ମିଳିତ ଉଦ୍ୟମରେ ପରିବେଶ ପରିଷ୍କାର ପରିଚ୍ଛନ୍ନତା ଓ ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ନୁକଡ୍ ନାଟକ ମାଧ୍ୟମରେ ଦିଆଯାଇଥିଲା। ଭୁବନେଶ୍ୱର ରେଳଷ୍ଟେଶନ ଓ କ୍ୟାପିଟାଲ ହସ୍ପିଟାଲର ଜନଗହଳିପୂର୍ଣ୍ଣ ସ୍ଥାନରେ ଏହି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ୫୫ଜଣ ଛାତ୍ରୀଛାତ୍ର ଭାଗନେଇଥିବା ବେଳେ ଆଇଆଇଆଇଟିର ଅଭିକ୍ରୀତ୍ ସିଂ ଓ ବିଭୁପ୍ରସାଦ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବଟାନିକାଲ୍ ଗାର୍ଡେନରେ ଆରମ୍ଭ ହେଲା ବୋଟିଂ



**ବାରଙ୍ଗ,୩।୧୦(ଡି.ଏନ୍.ଏ.)**

ନନ୍ଦନକାନନ ସନ୍ନିକଟ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବା ବଟାନିକାଲ୍ ଗାର୍ଡେନରେ ଆରମ୍ଭ ହୋଇଛି ବୋଟିଂ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଏହି ବ୍ୟବସ୍ଥା କରିଛନ୍ତି। ଘରୋଇକରଣରେ ବୁଧବାରଠାରୁ ଏହା ନୂଆକରି କାର୍ଯ୍ୟକାରୀ ହୋଇଛି। ପ୍ରଥମ ଦିନରେ କେତେଜଣ ପ୍ରେମୀଯୁଗଳ ବଟାନିକାଲ୍ ଗାର୍ଡେନ ବୁଲିବାକୁ ଆସି ବୋଟିଂର ମଜା ନେଇଛନ୍ତି। କାଞ୍ଜିଆ ହ୍ରଦରେ ବୋଟିଂ କରି ନନ୍ଦନକାନନର ପ୍ରାକୃତିକ ସବୁଜିମାକୁ ଭରପୂର ଉପଭୋଗ କରିଛନ୍ତି। ବଟାନିକାଲ୍ ଗାର୍ଡେନର ପ୍ରବେଶ ପଥରୁ ବାମପଟ ରାସ୍ତାରେ ଗଲେ ପଡ଼ିବ ବୋଟଘାଟ। ପ୍ରାଥମିକ ପର୍ଯ୍ୟାୟରେ ୮ଟି ବୋଟ୍ର ବ୍ୟବସ୍ଥା କରାଯାଇଥିବା ବେଳେ ୨ ସିଟ୍ ବିଶିଷ୍ଟ ବୋଟ୍ ପାଇଁ ୫୦ଟଙ୍କା ଏବଂ ୪ ସିଟ୍ ବିଶିଷ୍ଟ ବୋଟ୍ ପାଇଁ ପର୍ଯ୍ୟଟକ ୧୦୦ଟଙ୍କା ଟିକେଟ୍ କାଟି ଏଠାରେ ବୋଟିଂ କରିପାରିବେ।

ସୂଚନାଥାଉ କି, ୨୦୦୭ ମସିହା ଏପ୍ରିଲ ୬ରେ ପ୍ରଥମ କରି ନନ୍ଦନକାନନର ବୋଟିଂ ବ୍ୟବସ୍ଥା ଘରୋଇକରଣରେ ସାମିଲ ହୋଇଥିଲା। ସେ ସମୟରେ କର୍ତ୍ତୃପକ୍ଷ ବାର୍ଷିକ ୩ ଲକ୍ଷ ୬୪ ହଜାର ଟଙ୍କାର ରାଜସ୍ୱ ବୋଟଘାଟରୁ ପାଉଥିବା ବେଳେ ତାହା ଏବେ ବୃଦ୍ଧିପାଇ ୨୦.୫ଲକ୍ଷ ଟଙ୍କାରେ ପହଞ୍ଚିଲାଣି। ୨୦୧୮-୧୯ ଆର୍ଥିକ ବର୍ଷରେ ନନ୍ଦନକାନନ ପକ୍ଷରୁ ବଟାନିକାଲ୍ ଗାର୍ଡେନରେ ବୋଟିଂ ଲାଗି ଟେଣ୍ଡର ଡକାଯାଇଥିଲା।

# ଆସିଲା ୨୮ ନୂଆ ବସ୍

**ଭୁବନେଶ୍ୱର, ୩।୧୦(ବ୍ୟୁରୋ)**

ହକି ବିଶ୍ୱ କପ୍ ପୂର୍ବରୁ ସହରରେ ୨୦୦ ନୂଆ ବସ୍ ଗଡିବ। ସେଥିମଧ୍ୟରୁ ୨୮ଟି ବସ୍ ଆସି ପହଞ୍ଚିଛି। କ୍ୟାପିଟାଲ ରିଜିୟନ ଅର୍ବାନ ଟ୍ରାନ୍ସପୋର୍ଟ(ସିଆରୟୁଟି) ଅଧୀନରେ ସହରରେ ନୂଆ ସ୍ପେଶାଲ ପର୍ପୋଜ ଭେହିକଲ(ଏସ୍ପିଭି) ବସ୍ ବିଏମ୍ସି ଅଞ୍ଚଳରେ ଗଡିବ। ଅଶୋକ ଲିଲାଣ୍ଡ କମ୍ପାନୀର ବସ୍ଗୁଡିକ ହୋଇଥିବାରୁ ସେଗୁଡ଼ିକ ଆସି ଅଶୋକ ଲିଲାଣ୍ଡ ଡିପୋରେ ରହିଛି। ପରବର୍ତ୍ତୀ ସମୟରେ ବସଗୁଡିକ ଡିପୋରୁ ଆସି ସିଆରୟୁଟିର ନିଜସ୍ୱ ଡିପୋରେ ରହିବ। କମ୍ପାନୀ ପକ୍ଷରୁ ବସ୍ଗୁଡିକୁ ସିଆରୟୁଟିକୁ ହସ୍ତାନ୍ତର କରାଯିବା ପରେ ଏହାର ବ୍ରାଣ୍ଡିଂ ବ୍ୟବସ୍ଥା କରାଯିବ। ସିଆରୟୁଟିରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ଶୁକ୍ରବାର ସୁଦ୍ଧା ସମ୍ପୃକ୍ତ କମ୍ପାନୀ ଆଉ ୫୬ ବସ୍ ପଠାଇବ। ୨୦୦ ବସ୍ ଭିତରୁ ଅଶୋକ ଲିଲାଣ୍ଡ କମ୍ପାନୀରୁ ୧୦୦ ବସ୍ ଏବଂ ଟାଟା ମୋଟର୍ସଠାରୁ ୧୦୦ ବସ୍ କ୍ରୟ କରାଯାଇଛି।



# ପୁରୀ ହିଂସାର ଦୃଶ୍ୟ



ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁରୀ ବଡ଼ଦାଣ୍ଡରେ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରୁଛି।



ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ(ଉପର) ଏବଂ ଜିଲା ଲୋକସମ୍ପର୍କ କାର୍ଯ୍ୟାଳୟ(ତଳ)ରେ ଆନ୍ଦୋଳକାରୀଙ୍କ ଭଙ୍ଗାରୁଜା।



ବାଇଶି ପାହାଚ ବ୍ୟାରିକେଡ୍‌କୁ ଆନ୍ଦୋଳନକାରୀ ଭାଙ୍ଗୁଛନ୍ତି।



ସିଂହଦ୍ୱାର ନିକଟରେ ଥିବା ସୂଚନାକେନ୍ଦ୍ର(ବାମ) ଏବଂ ପୋଲିସ ଫାଣ୍ଡି(ଡାହାଣ)କୁ ଆନ୍ଦୋଳନକାରୀମାନେ ଭାଙ୍ଗିଛନ୍ତି।

### ବନ୍ଦ ପାଳନ ବେଳେ ହିଂସା

# ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ମାଗିଲେ ଆମିକସ୍ କ୍ୟୁରି

**ପୁରୀ ଅଫିସ, ୩।୧୦**

ଶ୍ରୀମନ୍ଦିରର ବ୍ୟାରିକେଡ, ସୂଚନା କେନ୍ଦ୍ର, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଭଙ୍ଗାରୁଜା ଓ ପୋଡ଼ି ଘଟଣାର ରିପୋର୍ଟ ମାଗିଛନ୍ତି ଆମିକସ୍ କ୍ୟୁରି। ଗୁରୁବାର ସୁଦ୍ଧା ରିପୋର୍ଟ ଦେବାକୁ କହିଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ପୁରୀ ବନ୍ଦ ବେଳେ ଉପରୋକ୍ତ ସ୍ଥାନରେ ହୋଇଥିବା ହିଂସାକାଣ୍ଡର ଭିଡିଓ, ସିସିଟିଭି ଫୁଟେଜ ଏବଂ

- ଆସନ୍ତା ୨୩ରେ ସୁପ୍ରିମକୋର୍ଟରେ ଶୁଣାଣି
- ଅଚାନକ ପୁରୀ ଗସ୍ତରେ ଆସିପାରନ୍ତି ଆମିକସ୍ କ୍ୟୁରି

ଫଟୋଗ୍ରାଫି ଆମିକସ୍ କ୍ୟୁରି ଚାହିଁଛନ୍ତି। ସିସିଟିଭି ଫୁଟେଜ ଏବଂ ଭିଡିଓ ଫୁଟେଜକୁ ଅନୁଧ୍ୟାନ କରି ଏହି ଘଟଣାରେ ଜଡ଼ିତ ସେବାୟତଙ୍କ ସଂକ୍ରାନ୍ତରେ ସବିଶେଷ ବିବରଣୀ ଦେବାକୁ କହିଛନ୍ତି। ଆସନ୍ତା ୨୩ ତାରିଖରେ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ସୁପ୍ରିମ୍‌କୋର୍ଟରେ ରହିଛି। ଘଟଣାର ସିସିଟିଭି ଓ ଭିଡିଓ ଫୁଟେଜ୍ ଏବଂ ରିପୋର୍ଟକୁ ଆମିକସ୍ କ୍ୟୁରି ସୁପ୍ରିମ୍‌କୋର୍ଟରେ ଦାଖଲ କରିବେ। ଏହି ଶୁଣାଣି ପୂର୍ବରୁ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଅଚାନକ ପୁରୀ ଗସ୍ତରେ ଆସିବେ ବୋଲି ମୁଖ୍ୟ ପ୍ରଶାସକଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ପ୍ରଶାସକ ଏହି ଘଟଣାର କିଛି ଭିଡିଓ ରେକର୍ଡିଂ ଏବଂ ଫଟୋଗ୍ରାଫି ଆମିକସ୍ କ୍ୟୁରିଙ୍କ ପାଖକୁ ପଠାଇଛନ୍ତି। ଗୁରୁବାର ପୂର୍ବାହ୍ନ ୧୧ଟା ସୁଦ୍ଧା ମୁଖ୍ୟ ପ୍ରଶାସକ ଆମିକସ୍ କ୍ୟୁରିଙ୍କୁ ଲିଖିତ ରିପୋର୍ଟ ଦେବେ ବୋଲି ଜଣାପଡିଛି। ଆମିକସ୍ କ୍ୟୁରି ଶ୍ରୀମନ୍ଦିର ପ୍ରଶାସନ ରିପୋର୍ଟକୁ ଏକପାଖିଆ ଭାବେ ବିଶ୍ୱାସକୁ ନ ନେଇ ଅନ୍ୟାନ୍ୟ ସୂତ୍ରରୁ ଏ ନେଇ ରିପୋର୍ଟ ମଧ୍ୟ ସଂଗ୍ରହ କରିଥିବା ଜଣାପଡିଛି। ତେଣୁ ଏଥିରେ ସମ୍ପୃକ୍ତ ସେବାୟତଙ୍କ ଭବିଷ୍ୟତକୁ ନେଇ ଏବେ ଆଶଙ୍କା ଉପୁଜିଛି। ଆମିକସ୍ କ୍ୟୁରିଙ୍କ ରିପୋର୍ଟ ପରେ ସୁପ୍ରିମ୍‌କୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

### ଶାନ୍ତି କମିଟି ସହ ଆଲୋଚନା

# ସବୁ ଦ୍ୱାରରେ ଯାଇପାରିବେ ସ୍ଥାନୀୟ ଲୋକେ

**ପୁରୀ ଅଫିସ,୩।୧୦**



ଧାଡ଼ିଦର୍ଶନକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଲାଗି ରହିଥିଲା ତାହାର ସମାଧାନ ବାଟ ଫିଟିଛି। ବୁଧବାର ହିଂସା ପରେ ଶାନ୍ତି କମିଟି ଡାକି ଜିଲାପାଳ ଏହାର ସମାଧାନର ବାଟ ଫିଟାଇଛନ୍ତି। ଶ୍ରୀମନ୍ଦିରର ସବୁ ଦ୍ୱାର ଦେଇ ସ୍ଥାନୀୟ ଲୋକେ ଯା'ଆସ କରିପାରିବେ। କିନ୍ତୁ ସେମାନେ ସାଥିରେ ପରିଚୟପତ୍ର ନେଇ ଯିବା ବାଧ୍ୟତାମୂଳକ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଯେଉଁ ହିଂସାକାଣ୍ଡ ଘଟିଛି ତାହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯେଉଁମାନେ ହିଂସା ଭିଆଇ ସରକାରୀ ସମ୍ପତ୍ତି ନଷ୍ଟ କରିଛନ୍ତି ସେମାନଙ୍କୁ ସିସିଟିଭି ଫୁଟେଜ ଆଧାରରେ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥିର ହୋଇଛି।

ହିଂସାକାଣ୍ଡ ପରେ ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି

**ପରିଚୟପତ୍ର ବାଧ୍ୟତାମୂଳକ**

ସହ ଏହି ବୈଠକ ବସିଥିଲା। ଏଥିରେ ସେବାୟତ ଦାମୋଦର ମହାସୁଆର, ବିନାୟକ ଦାସମହାପାତ୍ର, ସୋମନାଥ ଖୁଣ୍ଟିଆ, ଭବାନୀଶଙ୍କର ଦାସମହାପାତ୍ର ଓ ରବିନାରାୟଣ ଦାସ ଯୋଗଦେଇଥିଲେ। ପ୍ରଶାସନ ପକ୍ଷରୁ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ସମେତ ଏସ୍‌ପି ସାର୍ଥକ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋଷୀଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ: ଡିଜିପି

**କଟକ ଅଫିସ, ୩।୧୦**



ଧାଡି ଦର୍ଶନକୁ ବିରୋଧ କରି ପୁରୀରେ ବୁଧବାର ବନ୍ଦ ପାଳନ ବେଳେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିଛନ୍ତି ପୋଲିସ ଡିଜି ଡା. ଆର୍. ପି. ଶର୍ମା। ଘଟଣାକୁ ନେଇ ସନ୍ଧ୍ୟାରେ ରାଜ୍ୟ ପୋଲିସର କେତେଜଣ ଅଧିକାରୀଙ୍କ ସହ ଡିଜିପି ଶର୍ମା ଆଲୋଚନା କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ସେ କହିଲେ, ଆନ୍ଦୋଳନକାରୀଙ୍କ ବିଶୃଙ୍ଖଳା ସୀମା ଟପିଯାଇଛି। ସେମାନେ ସରକାରୀ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା କରି ବିପୁଳ ସମ୍ପତ୍ତି ନଷ୍ଟ କରିବା ସହ ରାଜସ୍ୱ ମନ୍ତ୍ରୀଙ୍କ ଘର ଉପରକୁ ଆକ୍ରମଣ କରିଛନ୍ତି। ତେବେ ଘଟଣାକୁ ନେଇ କେତୋଟି ମାମଲା ରୁଜୁ ହୋଇଛି ସେ ନେଇ ଡିଜିପି ଶର୍ମା କିଛି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆବଶ୍ୟକ ପଦକ୍ଷେପ ଯୋଗୁ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା କହିଛନ୍ତି। ସହରରେ ଶାନ୍ତି ଫେରାଇ ଆଣିବା ଲାଗି ଜିଲାପାଳ ଓ ଏସ୍‌ପି ଶୀଘ୍ର ପ୍ରତିବାଦକାରୀଙ୍କ ପ୍ରତିନିଧି ଦଳ ସହ ଆଲୋଚନା ଜାରି ରଖିବେ। କିନ୍ତୁ ପୂରା ଘଟଣାର ତଦନ୍ତ ପରେ ପୋଲିସ ଅବା ଆନ୍ଦୋଳନକାରୀ ଯିଏ ଦୋଷୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଘଟଣା ପାଇଁ ଆନ୍ଦୋଳନକାରୀମାନେ ଏସ୍‌ପି ସାର୍ଥକ ଷଡ଼ଙ୍ଗୀଙ୍କୁ ସମ୍ପୂର୍ଣ୍ଣ ଦାୟୀ କରି ତାଙ୍କ ବଦଳି ଦାବି କରୁଥିବାରୁ ତଦନ୍ତ ପରେ ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ଡିଜିପି ଶର୍ମା ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିର କାର୍ଯ୍ୟାଳୟ ଛାରଖାର

**ପୁରୀ ଅଫିସ, ୩।୧୦**

ସିଂହଦ୍ୱାରଠାରେ ତୁମୁଳକାଣ୍ଡ ଭିଆଇବା ପରେ ଶତାଧିକ ବିକ୍ଷୋଭକାରୀ ମାଡ଼ି ଚାଲିଥିଲେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ଅଭିମୁଖେ। ସିଂହଦ୍ୱାର ଥାନା ନିକଟରେ ଭକ୍ତଙ୍କ ଚପଲ ରଖିବା ଲାଗି ଖୋଲାଯାଇଥିବା ୪ଟି କ୍ୟାବିନ ଖୋଲାଯାଇଥିଲା। ଏକ ସାମାଜିକ ସଙ୍ଗଠନ ବିନା ମୂଲ୍ୟରେ ଭକ୍ତଙ୍କୁ ସେବା ଯୋଗାଉଥିଲା। ଏହି କ୍ୟାବିନ୍‌ଗୁଡ଼ିକୁ ଓଲଟାଇ ବାଡେଇ ବାଡେଇ ଭାଙ୍ଗିବା ସହ ଏଥିରେ ନିଆଁ ଲଗାଇ ଦେଇଥିଲେ। ଏହାପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ପ୍ରଥମେ ଟେକା, ପଥର ମାଡ଼ କରିଥିଲେ। ଫଳରେ କାର୍ଯ୍ୟାଳୟରେ ଲାଗିଥିବା କାଚ ଭାଙ୍ଗି ତଳକୁ ଖଣ୍ଡ ଖଣ୍ଡ ହୋଇ ଗଳିଥିଲା। ଏତିକିରେ ଶାନ୍ତି ପଡ଼ି ନ ଥିଲେ ବିକ୍ଷୋଭକାରୀ। ମୁଖ୍ୟ ଫାଟକକୁ ଭାଙ୍ଗି ଭିତରକୁ ପଶି ଲଙ୍କାକାଣ୍ଡ ସୃଷ୍ଟି କରିଥିଲେ। ଫୁଲ କୁଣ୍ଡକୁ ଉପରୁ



ଆନ୍ଦୋଳନକାରୀ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଆସବାବପତ୍ର ଭଙ୍ଗାରୁଜା କରୁଛନ୍ତି।

ତଳକୁ ଫିଙ୍ଗୁଥିବା ବେଳେ ଫ୍ୟାନ୍‌କୁ ବାଡ଼େଇ ଭାଙ୍ଗିଥିଲେ। କାର୍ଯ୍ୟାଳୟର ଆସବାବପତ୍ର ଫିଙ୍ଗାଫୋପଡ଼ା ଓ ଭଙ୍ଗାରୁଜା କରିବା ସହ ୪ଟି ଲୁହା ଆଲମିରାକୁ ଆଣି ବାହାରେ ଫିଙ୍ଗିଥିଲେ। ଏଗୁଡ଼ିକୁ ବାହାରେ ବାଡେଇ ବାଡ଼େଇ ଭାଙ୍ଗିଥିଲେ। ଶ୍ରୀମନ୍ଦିର କାର୍ଯ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଓ ରେକର୍ଡ ପୋଡ଼ି ଦେଇଥିଲେ। ପ୍ରାୟ ୩୦ ମିନିଟ୍ ଧରି ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ନିଜ କବ୍‌ଜାକୁ ନେଇ ଏପରି ହିଂସାକାଣ୍ଡ ଘଟାଇଥିଲେ ଆନ୍ଦୋଳନକାରୀ।

### ଆକ୍ରୋଶରୁ ବାଦ୍ ପଡ଼ିଲେନି ପତିତପାବନ

# ଭାଙ୍ଗିଲା ସିଂହର ନାକ

**ପୁରୀ ଅଫିସ,୩।୧୦**



ବନ୍ଦ ପାଳନ ବେଳେ ଆନ୍ଦୋଳନକାରୀଙ୍କ ଆକ୍ରୋଶରୁ ବାଦ୍ ପଡ଼ିନାହାନ୍ତି ପତିତପାବନ। ପଥର ମାଡ଼ରେ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କ ନାକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ସିଂହଦ୍ୱାରରେ ଥିବା ଏକ ସିଂହର ନାକ ମଧ୍ୟ ଭାଙ୍ଗିଯାଇଛି। ପୋଲିସ ଘଉଡ଼ାଇ ନେବା ବେଳେ ବହୁ ସଂଖ୍ୟାରେ ବିକ୍ଷୋଭକାରୀ ଶ୍ରୀମନ୍ଦିର ଭିତରକୁ ପଶି ଯାଇଥିଲେ। ମନ୍ଦିର ଭିତରୁ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ। ସେହିପରି ଦୋଳମଣ୍ଡପ ସାହି ପଟୁ ସିଂହଦ୍ୱାର ସମ୍ମୁଖରେ ଥିବା ପୋଲିସ ଉପରକୁ ଟେକା ମାଡ଼ ହୋଇଥିଲା। ଏହି ଟେକା ସିଂହଦ୍ୱାରରେ ଥିବା ଏକ ସିଂହ ନାକରେ ବାଜିବାରୁ ତାହା ଭାଙ୍ଗିଯାଇଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସମୟରେ ବିକ୍ଷୋଭକାରୀମାନେ ଚାଉଳ ବସ୍ତାକୁ ଫିଙ୍ଗା ଫୋପଡ଼ା କରିଥିଲେ। ଏପରି କି କେତେଜଣ ଚାଉଳ ବସ୍ତା ନେଇଯିବା ସହ କାର୍ଯ୍ୟାଳୟର ଟଙ୍କା ନେଇଯାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୪ ଅକ୍ଟୋବର, ୨୦୧୮



ମଣିଷ ଜନ୍ମ ଦୁର୍ଲଭ। ଏହି ଜନ୍ମରେ ଯିଏ ଭଗବାନଙ୍କୁ ଲାଭ କରିବା ପାଇଁ ଚେଷ୍ଟା ନ କରେ ତା'ର ଜନ୍ମ ବୃଥା।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମା'ଚର୍ଚ୍ଚିକାଙ୍କ ଷୋଳପୂଜାର ୨ୟ ପର୍ବ



**ବାଙ୍କୀ, ୩।୧୦ (ସ୍ୱ.ପ୍ର.):** ବାଙ୍କୀ ପର୍ଶୁରାମ ପୀଠରେ ଦେବୀ ଚର୍ଚ୍ଚିକାଙ୍କ ଶାରଦୀୟ ଷୋଳପୂଜାର ପ୍ରଥମ ପର୍ବ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ଏହି କ୍ରମରେ ବୁଧବାର ମା'ଙ୍କ ୨ୟ ପର୍ବ ପୂଜାନୀତି ସମ୍ପନ୍ନ ହୋଇଛି। ଭୋର ୪ଟାରେ ଦେବୀଙ୍କ ପହଡ଼ ଖୋଲାଯାଇ ମଙ୍ଗଳ ଆଳତି ଓ ପଞ୍ଚ ଅବକାଶ ଅନୁଷ୍ଠିତ ହୋଇଥିଲା। ମନ୍ଦିର ସେବାୟତମାନେ ରେଣୁକା ତୁଠରୁ ଜଳଆଣି ସହସ୍ର କୁମ୍ଭାଭିଷେକ ଓ ମାର୍ଜଣା କରିବା ସହ ଶାରଦୀୟ ପୂଜାର ୨ୟ ପର୍ବ ପାଇଁ ମା'ଙ୍କୁ ବେଶ କରିଥିଲେ। ପରେ ସୂର୍ଯ୍ୟ ପୂଜା, ନବଶକ୍ତି କଳସ ପୂଜା ଆଦି ସମ୍ପାଦିତ ହୋଇଥିଲା। ମଧାହ୍ନ ଖେଚୁଡି ଓ ଆମିଷ ଭୋଗସହିତ ଉପାଧିଆ ଭୋଗ ଅର୍ପଣ କରାଯାଇ ମା'ଙ୍କ ବିଶ୍ରାମ ପାଇଁ ପହଡ ପଡିଥିଲା। ଅପରାହ୍ନରେ ମନ୍ଦିର ପହଡ ଖୋଲାଯାଇ ଟେରା ଅନ୍ନ ଭୋଗକରାଯାଇଥିଲା। ରାତି ୮ଟାରେ ପୁନର୍ବାର ସହସ୍ର କୁମ୍ଭାଭିଷେକ, ମାର୍ଜଣା ସହ ମା'ଙ୍କୁ ବେଶ କରାଯାଇଥିଲା। ପରେ ରାତ୍ରି ଭୋଗପାଇଁ ଦହି ପଖାଳ, ବଡସିଂହାର, ଅଧରପଣା ଆଦି ଭୋଗ ବ୍ୟବସ୍ଥା କରାଯାଇଥିଲା। ସକାଳ ସନ୍ଧ୍ୟାରେ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା,୩।୧୦(ସ୍ୱ.ପ୍ର.):** ମାହାଙ୍ଗା ଥାନା ଜଲେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ଗଙ୍ଗପୁରା ଦଳିତ ସାହିର ଜଣେ ଯୁବକଙ୍କ ମଙ୍ଗଳବାର ରାତିରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ହେଲେ ଅଜୟ କୁମାର ଯେନା(୩୦)। ଏନେଇ ମାହାଙ୍ଗା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅଜୟ ରାତିରେ ଖାଇ ସାରି କୋଠରୀରେ ଶୋଇଥିଲେ। ସକାଳେ ନିଦରୁ ନ ଉଠିବାରୁ ପରିବାର ଲୋକେ ଶୋଇବା ଘର ପଛ ପଟ କାନ୍ଥ ଡେଇଁ ଉକ୍ତ କୋଠରିରେ ଭିତରେ ପ୍ରବେଶ କରିଥିଲେ। ସେଠାରୁ ପରିବାର ଲୋକେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ଡାହାଣ ଗୋଡରେ ସାପ କାମୁଡା କ୍ଷତ ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ ମାହାଙ୍ଗା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ-୧୫/୧୮)ରୁଜୁ ହୋଇଛି।

### ସ୍ୱଚ୍ଛ, ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




**ବାଙ୍କୀ,୩।୧୦ (ସ୍ୱ.ପ୍ର.):** ଲାୟନ୍ସ କ୍ଲବ୍ କଟକ ପ୍ଲାଟିନମ୍ ତରଫରୁ ବାଙ୍କୀର ବିଭିନ୍ନ ସ୍ଥାନରେ ମଙ୍ଗଳବାର ସ୍ୱଚ୍ଛ, ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ ପ୍ଲାଟିନମ୍ କଟକର ସୂଚନା ଲୋକ ସମ୍ପର୍କ ଅଧିକାରୀ ଲାୟନ୍ସ ଗୌତମ ମିଶ୍ର ଏହାକୁ ପରିଚାଳନା କରିଥିଲେ। ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ, ପ୍ଲାଷ୍ଟିକ ବର୍ଜନ, କୁଷ୍ଠ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ବାଙ୍କୀ ମୁଖ୍ୟ ଚିକିତ୍ସାଳୟ,ରାମଚନ୍ଦ୍ରପୁର, କୁରୁମଚଇନି, ଅନୁଆରୀ, ମଇଜୋରୀ ଓ ଅନ୍ଧାରୁଆ ଆଦି ଗ୍ରାମରେ ଜନହିତକର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏସବୁ କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଳୟ ଡା. ଅଶୋକ କୁମାର ଦାଶ, ବାସନ୍ତୀ ଦଳେଇ, ସସ୍ମିତା କଅଁର, କୁମୁଦିନୀ ପ୍ରଧାନ, ଦୀପକ କୁମାର ସାମନ୍ତରାୟ, ଅମିତ କୁମାର ସାହୁ, ସୁଶାନ୍ତ ମହାରଣା, ପ୍ରଶାନ୍ତ ରଣା, ବିକାଶ ରଥ, ସୁଲୋଚନା ବାରିକ, ସୁବ୍ରତ ନାୟକ ଓ ବିଜୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଛାତ୍ର ସଂସଦ ନିର୍ବାଚନ ବାତିଲ, ସାଇନ-ଏ-ଡାଏ ଘୋଷଣା

## ଫାଟକରେ ତାଲା ପକାଇଲେ ଛାତ୍ର ଗୋଷ୍ଠୀ

**ନରସିଂହପୁର,୩।୧୦(ସ୍ୱ.ପ୍ର.)**

ନରସିଂହପୁର ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ବୁଧବାର ବାତିଲ କରାଯିବା ସହ ୨୫ ଦିନ ପାଇଁ ସାଇନ ଏ ଡାଏ ଘୋଷଣା କରାଯାଇଛି। ନିର୍ବାଚନକୁ ନେଇ ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହେବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ନାମାଙ୍କନ ଦାଖଲ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମାତ୍ର ମହାବିଦ୍ୟାଳୟର ଏକ ଛାତ୍ର ଗୋଷ୍ଠୀ ନିର୍ବାଚନ ନ ହେବା ପାଇଁ ଅଧ୍ୟକ୍ଷଙ୍କ ନିକଟରେ ଦାବି କରିଥିଲେ। ଅପରପକ୍ଷେ ଅନ୍ୟ ଏକ ଛାତ୍ର ଗୋଷ୍ଠୀ ନିର୍ବାଚନ ସପକ୍ଷରେ ଜିଦ୍ ଧରିଥିଲେ। ଏହାକୁ ବିରୋଧ କରି ନିର୍ବାଚନ ନ ହେବାକୁ ଚାହୁଁଥିବା ଛାତ୍ରଗୋଷ୍ଠୀ ମହାବିଦ୍ୟାଳୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ସେମାନେ ଛାତ୍ରୀଛାତ୍ରଙ୍କୁ କଲେଜ ଭିତରକୁ ଛାଡି ନ ଥିଲେ।




ଛାତ୍ରମାନେ କଲେଜ ଫାଟକରେ ତାଲା ପକାଇ ବିକ୍ଷୋଭ କରୁଛନ୍ତି।

**ନରସିଂହପୁର ମହାବିଦ୍ୟାଳୟ**
- ୨ ଛାତ୍ର ଗୋଷ୍ଠୀ ମୁହାଁମୁହିଁ
- ଆଲୋଚନା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ
- ଗୋଟିଏ ଗୋଷ୍ଠୀ ନିର୍ବାଚନକୁ କରୁଥିଲା ବିରୋଧ

ଏହାକୁ ନେଇ ୨ ଛାତ୍ରଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ସମୟରେ ନିର୍ବାଚନ ବିରୋଧରେ ଥିବା ଛାତ୍ରଗୋଷ୍ଠୀ ପକ୍ଷରୁ ଆକ୍ରମଣ କରାଯାଇ ଏବିଭିପି ଜଣେ ଛାତ୍ର ନେତାଙ୍କୁ ମାଡ ଦିଆଯାଇଥିଲା। ଫଳରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଖବରପାଇ ତହସିଲଦାର ରାଜ କିଶୋର ଜେନା, ବିଡିଓ ପ୍ରଶାନ୍ତ କୁମାର ତରାଇ, ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ନିର୍ବାଚନୀ ହିଂସାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟ ଅଧ୍ୟକ୍ଷ ସାଇନ ଏ ଡାଏ ଘୋଷଣା କରିଥିଲେ।

## କଲେଜ କ୍ୟାମ୍ପସ ସରଗରମ, ସରିଲା ପ୍ରାର୍ଥୀପତ୍ର ଦାଖଲ

**ନିଶ୍ଚିନ୍ତକୋଇଲି, ୩।୧୦ (ସ୍ୱ.ପ୍ର/ଡି.ଏନ୍.ଏ)**

ଛାତ୍ର ସଂସଦ ନିର୍ବାଚନ ପାଇଁ ନିଶ୍ଚିନ୍ତକୋଇଲି ବ୍ଲକର ୪ ମହାବିଦ୍ୟାଳୟରେ କ୍ୟାମ୍ପସ ସରଗରମ ହୋଇଉଠିଛି । ଏନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ବଢିଯାଇଛି। ଆଶାୟୀ ପ୍ରାର୍ଥୀମାନେ ବୁଧବାର ସେମାନଙ୍କ ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ଛାତ୍ରୀଛାତ୍ରଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ପ୍ରହ୍ଲାଦ ମହାବିଦ୍ୟାଳୟରେ ବିଭିନ୍ନ ପଦ ପଦବୀ ପାଇଁ ୧୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ନେମାଳ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟରେ ୧୪ ଜଣ, ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ୧୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହାଛଡା ବଲ୍ଲଭିଦେବୀ ମହିଳା ମହାବିଦ୍ୟାଳରେ ୯ ଜଣ ପ୍ରାର୍ଥିନୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପୂର୍ବରୁ ବଲ୍ଲଭିଦେବୀ ମହିଳା ବିଦ୍ୟାଳୟରେ ନିର୍ବାଚନ କରା ନ ଯାଇ କେବଳ ପ୍ରାର୍ଥୀ ଚୟନ କରାଯାଉଥିଲା। ଏସବୁ କଲେଜରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାପରେ ଗୁରୁବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି କଲେଜ ଅଧ୍ୟକ୍ଷମାନେ ପ୍ରକାଶ କରିଛନ୍ତି।

## ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ବିଜୁ ଯୁବବାହିନୀ ସମାବେଶରେ ଯୋଗଦେଇଥିବା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଅତିଥିମାନେ।

**ନିଶ୍ଚିନ୍ତକୋଇଲି,୩।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)**

**ବିଜୁ ଯୁବ ବାହିନୀର ମହା ସମାବେଶ**

ଯୁବସମାଜ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ରାଜ୍ୟର ତଥା ଦେଶର ବିକାଶ ଘଟିବ ବୋଲି ବୁଧବାର ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମତବ୍ୟକ୍ତ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ପଞ୍ଚାୟତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି ପଡିଆରେ ବିଜୁ ଯୁବ ବାହିନୀର ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଯୁବ ବାହିନୀର ସଦସ୍ୟ ଜାନକୀକାନ୍ତ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମନ୍ତ୍ରୀ ଜେନା ଯୋଗଦେଇ ଯୁବବାହିନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବାରବାଟୀ କଟକର ବିଧାୟକ ଦେବାଶିଷ ସାମନ୍ତରାୟ ଓ ସମ୍ମାନିତ ଅତିଥିଭାବେ ସ୍ୱେଚ୍ଛାସେବୀ ସଂଗଠନ ଆମ ମାହାଙ୍ଗାର ଅଧ୍ୟକ୍ଷ ଅମରେନ୍ଦ୍ର ମହାନ୍ତି, ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଯୋଗ ଦେଇଥିଲେ। ବିଜୁ ବାବୁଙ୍କ ନାମରେ ହୋଇଥିବା ଯୁବ ବାହିନୀ ଗାଁ ଗହଳିରେ ଥିବା ଗରିବ ଲୋକମାନଙ୍କୁ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସବିତା ଓଝା, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା,ଉପାଧ୍ୟକ୍ଷା ସବିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଜିଲା କ୍ରୀଡା ସଂସ୍କୃତି ଓ ଯୁବବାହିନୀ ଅଧିକାରୀ ସରୋଜ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ବିଜୁ ବାହିନୀର ସଂଯୋଜକ ସୁଜିତ ମହାନ୍ତି ଅତିଥି ପରିଚୟ ଓ ଶେଷରେ ଅଶୋକ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ସମାବେଶରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ଯୁବ ବିଜେଡି ସଭାପତି ମିହିର ମିଶ୍ର,ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ପ୍ରାକ୍ତନ ଜିଲାପରିଷଦ ସଭ୍ୟ ହିମାଂଶୁ ମହାନ୍ତି, ଯୁବ ବାହିନୀ ଉପଦେଷ୍ଟା ଇଂ. ପତିତପାବନ ସ୍ୱାଇଁ, ଜ୍ୟୋତିପ୍ରକାଶ ସ୍ୱାଇଁ ଓ ପ୍ରମୋଦ ସ୍ୱାଇଁ ପମୁଖ ସହଯୋଗ କରିଥିଲେ।

## ଗାନ୍ଧୀ ଜୟନ୍ତୀ ପାଳନ, ଆଲୋଚନାଚକ୍ର

**ଆଠଗଡ,୩।୧୦(ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀଙ୍କ୧୫୦ତମ ଜନ୍ମ ବାର୍ଷିକୀକୁ ବିଜେଡି ପକ୍ଷରୁ ୨ବର୍ଷ ଧରି ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଠଗଡ ବିଜେଡି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ''ସାଂପ୍ରତିକ ପରିସ୍ଥିତିରେ ଗାନ୍ଧୀ ଦର୍ଶନର ପ୍ରାସଙ୍ଗିତା'' ସମ୍ବନ୍ଧୀୟ ଆଲୋଚନା ଚକ୍ରରେ ନଗର ସଭାପତି ପ୍ରଦୀପ୍ତ ଦାସ ସଭାପତିତ୍ୱ କରିଥିଲେ । ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାହିତ୍ୟିକ ଶରତଚନ୍ଦ୍ର ମାଝି, ଶତ୍ରୁଘ୍ନ ବେହେରା, ରମେଶ ଚନ୍ଦ୍ର ଘଡେଇ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ସୁଚିତ୍ରା ସାହୁ, ଲଳିତ ମୋହନ ନାୟକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। କଂଗ୍ରେସ ପକ୍ଷରୁ କୁଲାଇଲୋ ପଞ୍ଚାୟତର ତଳଗଡ ଗ୍ରାମସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗାନ୍ଧିବାଦୀ କଂଗ୍ରେସ ନେତା ମଙ୍ଗୁଳି ଚରଣ ପାଣି ଏଥିରେ ପୌରୋହିତ୍ୟ କରିଥିଲେ। କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଉମାବଲ୍ଲଭ ରଥ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମାରୋହରେ ସୁଧାକର ପତ୍ରୀ, ସୁଦର୍ଶନ ସାହୁ, ଗୋକୁଳାନନ୍ଦ ଦାସ, ସୁନିଲ କୁମାର ସୁତାର, ଭାଗୀରଥି ସାହୁ, ରବୀନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତଥିଲେ ।

## ଜୀବିକା ନିର୍ବାହୀ ଗୋଷ୍ଠୀଙ୍କୁ ସହାୟତା ରାଶି ବଣ୍ଟନ

**ଆଠଗଡ,୩।୧୦(ସ୍ୱ.ପ୍ର.)**

ଆଠଗଡ ମୃତ୍ତିକା ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମହୋତ୍ସବ ପଡିଆରେ ବୁଧବାର ଜୀବିକା ନିର୍ବାହୀ ଓ ସମନ୍ୱିତ ଜଳ ବିଭାଜିକା ପରିଚାଳନା ଯୋଜନା ମାଧ୍ୟମରେ ସହାୟତା ରାଶି ବଣ୍ଟନ କରାଯାଇଛି। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ହିତାଧିକାରୀ ଗୋଷ୍ଠିଙ୍କୁ ଏହି ସହାୟତା ରାଶି ବଣ୍ଟନ କରାଯାଇଛି । ଏହି ଅବସରରେ ଆଠଗଡ ବ୍ଲକର ଗୁରୁଡିଝାଟିଆ, କୁମାରପୁର, ଛଅଗାଁ, ଗୋବରା, ରାଧାକିଶୋରପୁର, ଘଣ୍ଟିଖାଲ, ଡାଳଭାଗ ପଞ୍ଚାୟତ, କୁଲାଇଲୋ ପଞ୍ଚାୟତର ଗଉଡଝରି, ତରଡିଙ୍ଗ ପଞ୍ଚାୟତର ଗୌରାଙ୍ଗପୁର ଏବଂ ଟାଙ୍ଗୀ ବ୍ଲକ ବଡସାମନ୍ତରାପୁର ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ମୋଟ ୪୯୨ମହିଳା ଓ ପୁରୁଷ ଗୋଷ୍ଠୀକୁ ୧ କୋଟି ୪ଲକ୍ଷ ୩ହଜାର ଟଙ୍କା ସହାୟତା ରାଶି ବଣ୍ଟନ କରାଯାଇଥିଲା। ୨୫୧ ଗୋଷ୍ଠୀକୁ ଜୀବିକା ନିର୍ବାହ ଯୋଜନା ମାଧ୍ୟମରେ ୨୫ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ୧୭୨ଟି ଗୋଷ୍ଠୀକୁ କୃଷି ତଥା ଲଘୁଜାତ ଦ୍ରବ୍ୟ ଉଦ୍ୟୋଗ ଯୋଜନାରେ ମୋଟ୍ ୪୧,୨୮୦୦୦ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦଳାଇ, ପୂର୍ବତନ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ଆତ୍ମାର ଅଧ୍ୟକ୍ଷ ରବୀନ୍ଦ୍ରନାଥ ରାଉତ, ଜିଲା ପରିଷଦ ସଭ୍ୟା ଜାନକୀଲତା ନାଏକ, ନାରୀ ନେତ୍ରୀ ମିତା ରାଉତ, ପ୍ରଣତି ନାଏକ, ବର୍ଷା ରଣା, ରିମଝିମ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ପ୍ରଭାକର ନାୟକ ଧନ୍ୟବାଦ ଦେଇଥିଲେ।



ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜୀବିକା ନିର୍ବାହୀ ଗୋଷ୍ଠୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଗାନ୍ଧୀ ଜୟନ୍ତୀ ଉତ୍ସବ ସମାରୋହ ଉଦ୍‌ଘାଟିତ

**ମାହାଙ୍ଗା,୩।୧୦(ସ୍ୱ.ପ୍ର)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଉମରସ୍ଥିତ ଶ୍ରୀ ବଳଦେବଜୀଉ ଓ ହନୁମାନଜୀଉ ମନ୍ଦିର ପରିସରରେ ମଙ୍ଗଳବାର ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ଉତ୍ସବ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗ ଭାରତୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ବ୍ୟାପୀ ଚାଲିବ। ବୁଧବାର ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କିଡସ ପକ୍ଷରୁ ନାହାଙ୍ଗ ପ୍ରାଥମିକ ବିଦ୍ୟାଳୟ ପରିସରେ ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ପରେ ସେଠାରେ ଏକ ରାଜ୍ୟସ୍ତରୀୟ କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଧାରଣ ସଭାରେ ଫାଉଣ୍ଡେଶନର ପ୍ରତିଷ୍ଠାତା ସମ୍ପାଦକ ଇଂ.ଅକ୍ଷୟ କୁମାର ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଫାଉଣ୍ଡେସନର ମୁଖ୍ୟ ଉପଦେଷ୍ଟା ଡ. ଅଭୟ କୁମାର ନାୟକ,ସମ୍ମାନିତ ଅତିଥିଭାବେ ରାଜ୍ୟ ଦକ୍ଷତା ବିକାଶ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ରବୀନ୍ଦ୍ର କୁମାର ମହାନ୍ତି ଓ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଯୋଗଦେଇ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପରିବେଶବିତ୍ ଅକ୍ଷୟ କୁମାର ଷଡଙ୍ଗୀ ସଭା ସଂଯୋଜନା କରିଥିଲେ। ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାନ୍ତି ଅତିଥି ପରିଚୟ ଓ ପ୍ରାରମ୍ଭିକ ସୁଚନା ଦେଇଥିଲେ । ଏହି ଅବସରରେ ମନ୍ଦିର ପରିସରରେ ୧୫୦ଟି ଦିପ ପ୍ରଜ୍ୱଳନ କରାଯାଇଥିଲା । ପରେ ଅନୁଷ୍ଠାନର କର୍ମକର୍ତ୍ତା ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱଚ୍ଛ ଭାରତ ଅଭିଯାନ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସମ୍ପର୍କିତ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଓ ମାହାଙ୍ଗା ସହ ମଣ୍ଡଳ ଶିକ୍ଷା ଅଧିକାରୀ ମଦନମୋହନ ମଲ୍ଲ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ୨୫ଟିରୁ ଉର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରି ବିଭିନ୍ନ ବିଦ୍ୟାଳୟରେ ୧୫୦ ବୃକ୍ଷରୋପଣ କରିଥିଲେ। ପରେ ଫାଉଣ୍ଡେସନ ପକ୍ଷରୁ ହନୁମାନ ମନ୍ଦିର ପରିସରରେ ଏକ ହୋମିଓ ପ୍ୟାଥିକ ସେବା ଶିବର ଅନୁଷ୍ଠିତ ହୋଇଥିଲା ଏଥିରେ ୫ ଶହରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଅପରାହ୍ନରେ ଏକ ଆନ୍ତଃବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ମହାନ୍ତି, ବିଜୟ ସାମଲ, ରବୀନ୍ଦ୍ର ସାମଲ, ପ୍ରଦୀପ୍ତ ମହାପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରମୋଦ କୁମାର ସିଂହ ଓ ରବୀନ୍ଦ୍ର ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଆଠଗଡ ଏନଏସି ଅଞ୍ଚଳରେ ପାନୀୟ ଜଳର ଉତ୍କଟ ଅଭାବ

## ୪ମାସ ହେବ ମହାନଦୀରୁ ଜଳ ଯୋଗାଣ ବନ୍ଦ

**ଆଠଗଡ,୩।୧୦ (ସ୍ୱ.ପ୍ର.)**

ଗତ ୪ ମାସ ହେବ ଆଠଗଡ ଏନ.ଏ.ସି ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି । ବାରମ୍ବାର ଅଭିଯୋଗ କରିବା ପରେ ମଧ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୧୫ ଏପ୍ରିଲ ମାସରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଙ୍କୀ ବ୍ଲକ୍ ଫୁଲବାଡି ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଜରିଆରେ ଆଠଗଡ ଏନଏସି ଅଞ୍ଚଳକୁ ମହାନଦୀ ଜଳ ଯୋଗାଣ ହେଉଥିଲା। ଏନେଇ ଆଠଗଡ ଏନଏସି ଅଞ୍ଚଳରେ ଏକ ଜଳ ବିଶୋଧନାଗାର ନିର୍ମାଣ କରାଯାଇଥିଲା। ଆଠଗଡ ସହରର ଜନସଂଖ୍ୟା ଅନୁଯାୟୀ, ଦୈନିକ ୪ହଜାର ଘନ ଲିଟର ଜଳର ଆବଶ୍ୟକତା ରହିଥିଲା ବେଳେ ଉକ୍ତ ବିଶୋଧନା ଗାରରେ ୫ହଜାର ଘନ ଲିଟର ଜଳ ରହିବାର କ୍ଷମତା ରହିଛି। ଏଠାରେ ନଦୀ ଜଳକୁ ବିଶାଧନ କରାଯାଇ ଏନଏସି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଳ ଯୋଗାଣ କରାଯାଉଥିଲା। ମାତ୍ର ବର୍ଷା ସମୟରେ ପାଣିରେ ଫୁଲବାଡି ଗ୍ରାମସ୍ଥିତ ପାନୀୟ ଜଳ ପ୍ରକଳ୍ପର ପାନୀୟ ପମ୍ପଟି ଭାସିଯାଇ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ହୋଇଯାଇଥିଲା।



ଆଠଗଡ଼ସ୍ଥିତ ଜଳ ବିଶୋଧନାଗାର ପ୍ରକଳ୍ପ।

ଫଳରେ ଜୁଲାଇ ୨ୟ ସପ୍ତାହରୁ ଆଠଗଡ ସହରକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଥିଯୋଗୁ ଆଠଗଡ ଜଳ ବିଶୋଧନାଗାର କୌଣସି କାମରେ ଲାଗୁ ନାହିଁ। ଏହାଛଡା ଆଠଗଡ ଏନଏସିକୁ ଭୂତଳ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ଜନସ୍ୱାସ୍ଥ୍ୟ ବିଭାଗର ୧୩ଟି ଗଭୀର ନଳକୂପ ରହିଛି। ମାତ୍ର ଏହି ପ୍ରକଳ୍ପ ମଧ୍ୟରୁ ୧୦ଟି ଅଚଳ ହୋଇଯାଇଛି। ଏଥିଯୋଗୁ ୩ଟି ନଳକୂପ ଜଳ ଏନଏସି ଅଞ୍ଚଳରେ ପାଣିର ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ମନେହେଉଛି। ଫଳରେ ଆଠଗଡ ସହରର ପୁରୁଣା ବସଷ୍ଟାଣ୍ଡ, ରାଧାନାଥପୁର ଶାସନ, ଦୁର୍ଗା ବଜାର, ଉପରସାହି, ଉତ୍ତରାଚଣ୍ଡୀ ରୋଡ, ବାଣୀକଣ୍ଠନଗର, ବୀରକିଶୋରପୁର, ମୈତ୍ରୀନଗର, ଅଶୋକନଗର, ରାଜବାଟୀନଗର, କନ୍ତୋଲ ଓ ହେମମାଳପୁର ଆଦି ଅଞ୍ଚଳରେ ନାହିଁ ନ ଥିବା ଜଳ ସଙ୍କଟ ଦେଖାଦେଇଛି। ଆଠଗଡ ସହରକୁ ଜଳ ଯୋଗାଣ ପାଇଁ ଆଠଗଡରେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। କଟକ ସହର ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଜରିଆରେ ଏଠାକାର ଜଳଯୋଗାଣ କାର୍ଯ୍ୟକୁ ନିୟନ୍ତ୍ରଣ କରାଯାଉଛି। ମାତ୍ର କୌଣସି ବିଭାଗୀୟ ଅଧିକାରୀ ଏନେଇ ପଦକ୍ଷେପ ନେଉନାହାନ୍ତି ବୋଲି ଅଭିଯୋଗ ହୋଇଛି । ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଆଠଗଡ ଦାୟିତ୍ୱରେ ଥିବା ଚୌଦ୍ୱାରସ୍ଥିତ ଚାରବାଟିଆ ସହକାରୀ ଯନ୍ତ୍ରୀ ବିଳାସ କୁମାର ବେହେରା କହନ୍ତି, ଗତ ଜୁଲାଇ ମାସରେ ମହାନଦୀରେ ଆସିଥିବା ବନ୍ୟାରେ ଫୁଲବାଡି ଗ୍ରାମସ୍ଥିତ ପାନୀୟ ଜଳ ପ୍ରକଳ୍ପର ମୋଟର ଭାସିଯାଇଥିଲା। ଅଦ୍ୟାବଧି ନଦୀରେ ଜଳସ୍ତର ହ୍ରାସ ହୋଇ ନ ଥିବାରୁ ପମ୍ପ ହାଉସରେ ମୋଟର ବସାଇବା ସମ୍ଭବ ହୋଇପାରିନାହିଁ। ଆଗାମୀ କିଛିଦିନ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରାଯାଇ ଏହି ସମସ୍ୟାର ସମାଧାନ କରିବା ଲାଗି ଉଦ୍ୟମ ଜାରି ରହିଛି । ଅପରପକ୍ଷେ ଉପଜିଲାପାଳ ଅମିୟ କୁମାର ସାହୁ କହିଛନ୍ତି, ଯେ, ଜନସାଧାରଣଙ୍କଠାରୁ ଅଭିଯୋଗ ମିଳିବା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ଜଳ ଯୋଗାଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ପୁନର୍ବାର ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ । ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

- ବାଙ୍କୀ ଫୁଲବାଡ଼ି ଗ୍ରାମସ୍ଥିତ ପାନୀୟଜଳ ପ୍ରକଳ୍ପରୁ ହେଉଛି ଜଳଯୋଗାଣ
- ବର୍ଷାରେ ଭାସିଯାଇଛି ମୋଟର ପମ୍ପ



ମଣିଷ ଜନ୍ମ ଦୁର୍ଲଭ। ଏହି ଜନ୍ମରେ ଯିଏ ଭଗବାନଙ୍କୁ ଲାଭ କରିବା ପାଇଁ ଚେଷ୍ଟା ନ କରେ ତା'ର ଜନ୍ମ ବୃଥା।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମଦ ଜବତ: ୪ ଗିରଫ

**କଟକ ଅଫିସ,୩।୧୦:** ବେଆଇନ ମଦ ବିକ୍ରି ଅଭିଯୋଗରେ ପୁରୀଘାଟ ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ଉପର ତେଲେଙ୍ଗାବଜାର ବାଉରିସାହି ଅଞ୍ଚଳର ମକରା ଦାସ ଓ ନରହରି ଦାସ। ସେମାନଙ୍କଠାରୁ ୫୦ ବୋତଲ ମଦ ଜବତ କରାଯିବା ସହ ଏକ ମାମଲା(୧୬୩/୧୮) ରୁଜୁ କରିଛି। ଉଭୟ ପୁରୀଘାଟ ଥାନା ଅନ୍ତର୍ଗତ କାଠଯୋଡି ନଦୀପଠାରେ ବେଆଇନ ଭାବେ ମଦ ବିକ୍ରି କରୁଥିବାବେଳେ ପୋଲିସ ଗିରଫ କରିଥିଲା। ସେହିପରି ବାଦାମବାଡି ଥାନା ପୋଲିସ ୨ ଜଣ ମଦ ବିକ୍ରେତାଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ପୁରୀଘାଟ ଥାନା ଅଧୀନ ଶିବ ବଜାର ଅଞ୍ଚଳର ଜଗନ୍ନାଥ ରାଓ ଓ କୈଳାସ ପତି। ସେମାନଙ୍କଠାରୁ ୪୦ ବୋତଲ ମଦ ଜବତ ହୋଇଥିବାବେଳେ ଏ ନେଇ ଥାନାରେ ମାମଲା(ନଂ.୨୬୮/୧୮) ରୁଜୁ ହୋଇଛି।

### ସଚେତନତା ଶୋଭାଯାତ୍ରା

**ଫୁଲନଖରା, ୩।୧୦(ଡି.ଏନ୍.ଏ.):** ନିଆଳି ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ବୁଧବାର ଗବବସ୍ତ ମଣ୍ଡଳର ୮ଟି ପଞ୍ଚାୟତରେ ଆୟୁଷ୍ମାନ ଭାରତ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗବବସ୍ତ ମଣ୍ଡଳ ଭାଜପା ସଂଯୋଜକ ରାଜକୁମାର ସ୍ୱାଇଁ ଓ ମଣ୍ଡଳ ସଭାପତି ଶିଶିର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ଭାଜପା ନେତା ବେଣୁଧର ବେହେରା, ଜୟନ୍ତ କୁମାର ଜେନା, ଦୁର୍ଗା ଚରଣ ରଥ, ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚାର ସଭାନେତ୍ରୀ ସୁଜାତା ମହାନ୍ତି, ଅଶୋକ ଦାସ, ସୁଶିଲ ମହାପାତ୍ର ଓ ସୁବୋଧ ପାତ୍ରଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା କୁରାଙ୍ଗଶାସନସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ବାହାରି କୁରାଙ୍ଗପ୍ରଧାନ, ହରିଅନ୍ତା, ସାଇଁଶୋ, ଖଲର୍ଦ୍ଧା, କୋରକୋରା, ଉଷୁମା ଓ ନଗରୀ ପଞ୍ଚାୟତ ପରିକ୍ରମା କରିଥିଲା।

### ରୂପଯାତ୍ରା ପ୍ରସ୍ତୁତି ବୈଠକ



**ଚୌଦ୍ୱାର,୩।୧୦(ଡି.ଏନ୍.ଏ.):** ଚୌଦ୍ୱାର ପ୍ରସିଦ୍ଧ ରୂପଯାତ୍ରା ଆସନ୍ତା ୨୪ରୁ ଆରମ୍ଭ ହୋଇ ୨୭ ତାରିଖରେ ଉଦ୍‌ଯାପିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସ୍ଥାନୀୟ ତିନିକୋଣିଆ ଯାତ୍ରାପଡ଼ିଆ ନିକଟସ୍ଥ ମଣ୍ଡପରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ସୁବୋଧ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କମିଟିର ସମସ୍ତ ସଦସ୍ୟ ଓ ୪୦ଟି ମେଢର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ପରମ୍ପରା ଅନୁଯାୟୀ, କୁମାର ପୂର୍ଣ୍ଣିମା ଦିନରୁ ମଣ୍ଡପଗୁଡିକରେ ବିଭିନ୍ନ ଦେବଦେବୀଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୨୬ ତାରିଖରେ ମେଢଗୁଡ଼ିକ ଆସ୍ଥାନ ଛାଡି ଶୋଭାଯାତ୍ରା ଆସି ମେଳଣ ପଡ଼ିଆରେ ଏକତ୍ରିତ ହେବେ। ୨୭ ତାରିଖ ସକାଳେ ଯାତ୍ରା କମିଟି ନିକଟରୁ ଭସାଣି ପାଇଁ ଟିକେଟ ଓ ଛନ୍ଦା ନେଇ ମେଢଗୁଡ଼ିକ କ୍ରମାନ୍ୱୟରେ ଭସାଣ ପାଇଁ ବିରୂପା ଅଭିମୁଖେ ଯାତ୍ରା କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଚୌଦ୍ୱାର ଥାନା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ ଅତିଥିଭାବେ ଯୋଗଦେଇ ଉକ୍ତ ଯାତ୍ରାକୁ ଶୃଙ୍ଖଳାର ସହ ପାଳନ କରିବାକୁ ସମସ୍ତ ମେଢର କର୍ମକର୍ତ୍ତା ଓ କମିଟି ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଏଥିରେ କମିଟିର ସଦସ୍ୟ କେଶବ ଚନ୍ଦ୍ର ଦଳାଇ, କୈଳାସ ଚନ୍ଦ୍ର ବେହେରା, ବାଳକୃଷ୍ଣ ମହାନ୍ତି, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ସେସୁ ଏସ୍‌ଡିଓ ବେଣୁଧର ଦାସ, ଇଂ. ଚମ୍ପକ ପ୍ରଧାନ, ବିଳାସ କୁମାର ବେହେରା, ଶମ୍ଭୁନାଥ ସେଠୀ ଓ ପୁଲକ ରଞ୍ଜନ ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ନାରାୟଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଘରୋଇ ହସ୍ପିଟାଲ ବିରୋଧରେ ଚିକିତ୍ସା ଅବହେଳା ଅଭିଯୋଗ

# ମାରିଦେଲେ, ମୃତଦେହ ଛାଡ଼ିଲେନି

**କଟକ ଅଫିସ, ୩।୧୦**

- ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୋଲିସ
- ଉଦ୍ଧାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଗଲା

କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମହାନଦୀ ବିହାର ଅଞ୍ଚଳର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବତୀ ହେଲେ ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ କଇଥଗଡ଼ିଆର ମାୟାଧର ମଲ୍ଲିକଙ୍କ ଝିଅ ସୁନିତା(୨୧)। ଅସ୍ତ୍ରୋପଚାରର ଗୋଟିଏ ଦିନ ପରେ ଏହି ଘଟଣା ଘଟିଥିଲା। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ସୁନିତାଙ୍କ ଜୀବନ ଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ବକେୟା ଅର୍ଥ ଦାବି କରି ମୃତଦେହକୁ ଅଟକାଇ ରଖିଥିଲେ। ଏ ସମ୍ପର୍କରେ ବୁଧବାର ଚାଉଳିଆଗଞ୍ଜ ଥାନା ମହାନଦୀ ବିହାର ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଇଥିଲା। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡିଛି। ଅଭିଯୋଗ ଅନୁସାରେ, ସୁନିତା ପେଟ ରୋଗରେ ପୀଡିତ ହୋଇ ବାଲେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ପେଟରେ ଷ୍ଟୋନ ଜମିଥିବା ଡାକ୍ତର ଜାଣିବା ପରେ ଅସ୍ତ୍ରୋପଚାର ଆବଶ୍ୟକ ଥିବା କହି କଟକର ଏକ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲକୁ ପଠାଇଥିଲେ। ରବିବାର ସୁନିତାଙ୍କୁ ପରିବାର ଲୋକେ କଟକର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅସ୍ତ୍ରୋପଚାର ପରେ ୩ ଦିନ ଭିତରେ ସୁନିତା ଠିକ୍ ହୋଇଯିବେ ବୋଲି ଘରୋଇ ହସ୍ପିଟାଲର ଜଣେ ଡାକ୍ତର କହିଥିଲେ। ଏଥିପାଇଁ ୪୨ହଜାର ଟଙ୍କା ଲାଗିବ ବୋଲି କହିଥିଲେ। ସୁନିତାଙ୍କ ପରିବାର ଲୋକେ ଏଥିପାଇଁ ପ୍ରଥମେ ୨୦ହଜାର ଟଙ୍କା ଡିପୋଜିଟ କରିଥିଲେ। ସୋମବାର ଅସ୍ତ୍ରୋପଚାର ସରିବା ପରେ ସୁନିତାଙ୍କୁ ବେଡ୍‌କୁ ଅଣାଯାଇଥିଲା। ବାପା ମାୟାଧରଙ୍କ କହିବାନୁଯାୟୀ, ମଙ୍ଗଳବାର ସୁନିତା ବେଡ୍‌ରେ ଶୋଇଥିବାବେଳେ ହଠାତ୍ ତାଙ୍କ ନାକ, ପାଟି ଏବଂ ମଳ ଦ୍ୱାରରୁ ରକ୍ତ ବାହାରିଥିଲା। ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଜଣାଇବା ପରେ ସୁନିତାଙ୍କୁ ତୁରନ୍ତ ଆଇସିୟୁକୁ ନିଆଯାଇଥିଲା। ହେଲେ କ'ଣ ପାଇଁ ଏପରି ଘଟିଲା ବୋଲି ଡାକ୍ତର ଓ ନର୍ସ କେହି ହେଲେ ମୁହଁ ଖୋଲି ନ ଥିଲେ। ମଙ୍ଗଳବାର ରାତି ୩ ଟାରେ ସୁନିତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ମଧ୍ୟ ମୃତ୍ୟୁର କାରଣ କହି ନ ଥିଲେ। ଏହାପରେ ହସ୍ପିଟାଲ ପକ୍ଷରୁ ତୁରନ୍ତ ବକେୟା ଟଙ୍କା ଜମା କରି ମୃତଦେହ ନେଇଯିବାକୁ କୁହାଯାଇଥିଲା। ହେଲେ ସୁନିତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଥିବାବେଳେ ଟଙ୍କା ଡିପୋଜିଟ୍ କରିବାକୁ ବାରମ୍ବାର ତାଗିଦ୍ କରାଯାଇଥିଲା। ଏପରିକି ଆଉ ୬୦ହଜାର ଟଙ୍କା ନ ଦେଲେ ମୃତଦେହକୁ ଛାଡିବେନି ବୋଲି ରୋକ୍‌ଠୋକ୍ କହିଥିଲେ। ଠିକ୍ ଚିକିତ୍ସା ନ କରି ମୋ ଝିଅକୁ ମାରିଦେଲେ ବୋଲି ମାୟାଧର କୋହଭରା କଣ୍ଠରେ କହିଛନ୍ତି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କିମ୍ବା ଔଷଧ ଯୋଗୁ ସୁନିତାଙ୍କ ଜୀବନ ଯାଇଥିବା ସେ ସନ୍ଦେହ କରୁଛନ୍ତି। ଏନେଇ ଚାଉଳିଆଗଞ୍ଜ ଥାନା ଅଧିକାରୀ ଅଜୟ କୁମାର ଦାସ କୁହନ୍ତି, ଆମେ ମୃତଦେହକୁ ହସ୍ପିଟାଲରୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛୁ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ। ଯଦି ଚିକିତ୍ସାରେ କୌଣସି ଭୁଲ୍ ଥିବ ତେବେ ହସ୍ପିଟାଲ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଳା ଓ ଆନିମେଶନ ବିଭାଗ ପକ୍ଷରୁ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟଅତିଥି ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କର ଓ ଅନ୍ୟ ଅତିଥିମାନେ ବୁଲି ଦେଖୁଛନ୍ତି।

# ୫ ଲକ୍ଷ ଠକେଇ: ୨ ଗିରଫ

**କଟକ ସଦର, ୩।୧୦(ଡି.ଏନ୍.ଏ.)**

ଟଙ୍କା ଠକେଇ ଅଭିଯୋଗରେ କନ୍ଦରପୁର ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଭଦ୍ରକ ଜିଲା ବନସଡା ଥାନା ଧାମରା ଅଞ୍ଚଳର ଦେବେନ୍ଦ୍ର କୁମାର ବଳ ଓ କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡୁଆସିପଡା ଗ୍ରାମର ବଟକୃଷ୍ଣ ପ୍ରଧାନ। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୬/୧୭) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏକ ପୁରୁଣା ଟ୍ରକ କିଣାଇ ଦେବା ଆଳ ଦେଖାଇ ୨ ଅଭିଯୁକ୍ତ ଦାମୋଦରପୁର ଗ୍ରାମର ସେକ୍ ଆବିଦ୍‌ଙ୍କୁ ପ୍ରବର୍ତ୍ତାଇଥିଲେ। ମଙ୍ଗୁଳି ଛକରେ ଏକ ଟ୍ରକ୍‌କୁ ଦେଖାଇ ଏହାକୁ କିଣାଇ ଦେବା ପ୍ରତିଶ୍ରୁତି ଦେଇ ୫ ଲକ୍ଷ ଟଙ୍କା ଓ କାଗଜପତ୍ର ପାଇଁ ୧୦ ହଜାର ଟଙ୍କା ନେଇଥିଲେ। ପରେ ତାଙ୍କୁ ଗାଡି ନ ଦେବାରୁ ଆବିଦ୍ ପୋଲିସ ନିକଟରେ ଅଭିଯୋଗ କରିଥିଲେ।





ଧନେଶ୍ୱର ରଥ ଫାଉଣ୍ଡେଶନ ଓ ତ୍ରିମ୍ବ ପରିବାର ପକ୍ଷରୁ ବୁଧବାର କଟକ ଟାଙ୍ଗୀସ୍ଥିତ ତ୍ରିମ୍ବ ପରିସରରେ ଅନୁଷ୍ଠିତ ପୂଜ୍ୟପୂଜା ସମାରୋହରେ ଅତିଥିମାନେ ସ୍ମରଣିକା 'ଅମୃତ ଅନୁଭବ'ଉନ୍ମୋଚନ କରୁଛନ୍ତି।

### ଉଠାଦୋକାନୀ ସଂଘର ବିକ୍ଷୋଭ

**କଟକ ଅଫିସ, ୩।୧୦:** ବିଭିନ୍ନ ଦାବି ନେଇ କଟକ ଉଠାଦୋକାନୀ ସଂଘ ପକ୍ଷରୁ ବୁଧବାର ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସହରରେ ଉଠାଦୋକାନୀଙ୍କୁ ଥଇଥାନ କରିବାର ବ୍ୟବସ୍ଥା ନ କରି ସିଏମ୍‌ସି ସେମାନଙ୍କୁ ଉଚ୍ଛେଦ କରୁଛି। ଏହାର ପ୍ରତିବାଦ କରାଯିବା ସହ ଉଠାଦୋକାନୀମାନଙ୍କୁ ପରିଚୟ ପତ୍ର, ଭେଣ୍ଡିଂଜୋନ ସୁବିଧା ଯୋଗାଇ ଦିଆଯିବା ସମ୍ବଳିତ ପତ୍ର ବୁଧବାର ସିଏମ୍‌ସି କମିଶନରଙ୍କୁ ସଂଘ ପକ୍ଷରୁ ଦିଆଯାଇଛି।

# ଦୁଇ ଛାତ୍ର ନିଖୋଜ

**କଟକ ଅଫିସ,୩।୧୦**

ସ୍କୁଲରୁ ଫେରି ବୁଲିବାକୁ ଯାଇଥିବାବେଳେ ବିଡାନାସୀ ଅଞ୍ଚଳରୁ ଦୁଇ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ ବିଡାନାସୀ ଥାନା ଅନ୍ତର୍ଗତ କୃଷକ ନଗର ଅଞ୍ଚଳର ଦେବାଶିଷ ବେହେରା(୮) ଓ ମାନସ ନାୟକ(୧୨)। ଏ ନେଇ ସେମାନଙ୍କ ପରିବାର ଲୋକେ ବୁଧବାର ବିଡାନାସୀ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(୧୨୨/୧୮) ରୁଜୁ କରି ଖୋଜାଖୋଜି ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଉଭୟ ସ୍ଥାନୀୟ ଏକ ସରକାରୀ ସ୍କୁଲରେ ଦ୍ୱିତୀୟ ଏବଂ ପଞ୍ଚମ ଶ୍ରେଣୀରେ ପାଠ ପଢନ୍ତି। ମଙ୍ଗଳବାର ସ୍କୁଲରୁ ଫେରିବା ପରେ ଉଭୟ ଅପରାହ୍ନ ୪ଟାରେ ଏକ ସାଇକେଲ ନେଇ ସ୍ଥାନୀୟ କୃଷକ ନଗର ଅଞ୍ଚଳକୁ ବୁଲିବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। ହେଲେ ସେମାନଙ୍କ ପତ୍ତା ନ ପାଇବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ଜିଲା ପ୍ରଶାସନର ଦୁର୍ଗାପୂଜା ପ୍ରସ୍ତୁତି

# ୧୫ରୁ ପୂଜା, ୨୦ରେ ଭସାଣି

**କଟକ ଅଫିସ, ୩।୧୦**

ଆଗାମୀ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ପାଇଁ ବୁଧବାର ସ୍ଥାନୀୟ ଶହୀଦ୍ ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ ତାରିଖ ମହାଷଷ୍ଠୀରୁ ଦୁର୍ଗାପୂଜା ଆରମ୍ଭ ହୋଇ ୨୦ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ଉତ୍ସବକୁ ଶୃଙ୍ଖଳିତ କରିବା ଏବଂ ମେଢ ଯାତାୟାତକୁ ସୁଗମ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି। ସହରର ୧୬୦ଟି ପୂଜା କମିଟି ଅଞ୍ଚଳର ରାସ୍ତା, ଲାଇଟ୍, ନାଳ, ସ୍ଲାବ, ବିଦ୍ୟୁତ୍/କେବୁଲ ତାର ଆଦି ଉଚ୍ଚତା ବୃଦ୍ଧି କରିବା ସହ ଗଛଡାଳ କାଟିବା ଓ ଅନ୍ୟାନ୍ୟ କାର୍ଯ୍ୟ ଆସନ୍ତା ୧୦ ତାରିଖ ସୁଦ୍ଧା ଶେଷ କରିବାକୁ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ତାଲିକା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ୧୫ ଜଣିଆ ସ୍କ୍ୱାଡ ଗଠନ କରାଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ପୂଜା ଓ ଭସାଣି ଶେଷ ହେବା ପର୍ଯ୍ୟନ୍ତ ପାନୀୟଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରାଯିବା ସହ ଦଶହରା ସମୟରେ ଛକ ଜାଗାଗୁଡିକରେ ପୁରୀ ପୌର ପରିଷଦ ସହଯୋଗରେ ମୋବାଇଲ ଟଏଲେଟ୍ (ଭ୍ରାମ୍ୟମାଣ ଶୌଚାଳୟ)ର ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ଦଶହରା ସମୟରେ ଦୁଇଓଳି ସଫେଇ, ଡଷ୍ଟବିନ ବ୍ୟବସ୍ଥା ଏବଂ ଦେବୀଗଡ଼ାଠାରେ ମୂର୍ତ୍ତି ବିସର୍ଜନ ପାଇଁ ଆବଶ୍ୟକ କୃତ୍ରିମ ପୋଖରୀ ଖନନ କରାଯିବ। ସେହିପରି ପୂଜା ମଣ୍ଡପଗୁଡିକରେ ପଲିଥିନରେ ଭୋଗ ଲଗାଇବାକୁ ନିଷେଧ କରିବା ପାଇଁ ପୂଜା କମିଟିର କର୍ମକର୍ତ୍ତାଙ୍କୁ ଅନୁରୋଧ କରାଯାଇଛି। ବିଶେଷକରି ମେଢଗୁଡିକରେ ପ୍ଲାଷ୍ଟିକ ଫୁଲ ଓ ସୋଲ (ଥର୍ମକୋଲ)ର ବ୍ୟବହାର ନ କରିବା ଏବଂ ମୂର୍ତ୍ତିରେ ଜୈବିକ ରଙ୍ଗ ଦେବାକୁ ବୈଠକରେ ମତ ପ୍ରକାଶ ପାଇଛି। ଏହି ବୈଠକରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କ ସମେତ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଦେବାଶିଷ ସାମନ୍ତରାୟ, ପ୍ରଭାତ ରଞ୍ଜନ ବିଶ୍ୱାଳ, ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, ଡେପୁଟି ମେୟର ଅଜୟ ବାରିକ, କମିଶନର ଶରତ ଚନ୍ଦ୍ର ନାୟକ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ ଏବଂ ଭିକାରୀ ଦାସ, ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ ଏବଂ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କୁ ଥଇଥାନ, ଭୂମିହୀନଙ୍କୁ ପଟ୍ଟା ଯୋଗାଣ ଦାବିରେ ବିକ୍ଷୋଭ

**କଟକ ଅଫିସ, ୩।୧୦**

**କୃଷକ ବଜାର ମାର୍କେଟ କମ୍ପ୍ଲେକ୍ସ**

କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ହକ୍ ଅଧିକାର, ନ୍ୟାୟ, ନ୍ୟାଯ୍ୟ ଦାବିରେ ବୁଧବାର ଜିଲାପାଳ ଓ ଆର୍‌ଡିସିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଥିଲା। ମୁଖ୍ୟତଃ ଭୂମିହୀନ ଦଳିତ ପରିବାରକୁ ତୁରନ୍ତ ସ୍ଥାୟୀ ପଟ୍ଟା ଓ ଘର ଯୋଗାଇ ଦେବା ସହିତ କଟକ କୃଷକ ବଜାର ମାର୍କେଟ କମ୍ପ୍ଲେକ୍ସ ଘରଗୁଡ଼ିକୁ ତୁରନ୍ତ ବ୍ୟବସାୟୀଙ୍କୁ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସୂଚନାଥାଉ କି, ସିଡିଏସ୍ଥିତ କୃଷକ ବଜାରରେ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ୨୦୧୩ ସେପ୍ଟେମ୍ବରରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ୨୦ ବଖରା ଘର ନିର୍ମାଣ ପାଇଁ ସେହିବର୍ଷ ଅକ୍ଟୋବର ୨୧ ତାରିଖରେ ଟେଣ୍ଡର କରାଯାଇଥିଲା। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ (ଓସ୍‌ଡମା) ବୋର୍ଡ ଏଥିପାଇଁ ୯ ଲକ୍ଷରୁ ଅଧିକ ଟଙ୍କା ପ୍ରଦାନ କରିଥିଲା। ଆରଏମ୍‌ସି ପକ୍ଷରୁ ଟେଣ୍ଡର ଡକାଯାଇଥିଲା। ଟେଣ୍ଡର ମାଧ୍ୟମରେ ଏକ ଠିକା ସଂସ୍ଥା ଦୋକାନ ଘର ନିର୍ମାଣ ଦାୟିତ୍ୱ ହାତକୁ ନେଇଥିଲା। ୨୦୧୪ ମସିହାରେ ଠିକା ସଂସ୍ଥା ତରବରିଆ ଭାବେ ନିମ୍ନମାନର କାମ କରି ସମ୍ପୂର୍ଣ୍ଣ ବିଲ୍ ଉଠାଇ ନେଇଥିବା ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ଦୋକାନ ଘରର ଅବସ୍ଥା ଶୋଚନୀୟ ହେବା ସହ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ସରକାରଙ୍କ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇ ଦୁଇବର୍ଷ ପରେ ଦୋକାନ ଘରଗୁଡ଼ିକ ଏଭଳି ଅବସ୍ଥା ଦେଖି ଶେଷରେ ଆରଏମ୍‌ସି କର୍ତ୍ତୃପକ୍ଷ ୨୦୧୬ରେ ସଂସ୍ଥା ଓ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଗୃହଗୁଡ଼ିକୁ ସୁରକ୍ଷିତ ଘୋଷଣା କରିଛନ୍ତି। ତେଣୁ ଏହାର ତଦନ୍ତ ପାଇଁ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଦାବି କରାଯାଇଛି। ସେହିପରି କଟକ ଜିଲା ବାରଙ୍ଗ ତହସିଲ ଅଧୀନ ପାଟପୁର ମୌଜାର ସରକାରୀ ଜମିରେ ଦୀର୍ଘବର୍ଷ ଧରି ରହୁଥିବା ଭୂମିହୀନ ଗରିବ ଓ ଦଳିତ ପରିବାରକୁ ପଟ୍ଟା ପ୍ରଦାନରେ ବିଳମ୍ବ ଉପୁଜୁଛି। ଗତ ସେପ୍ଟେମ୍ବର ୧୫ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବାରଙ୍ଗ ତହସିଲଦାରଙ୍କୁ ଚିଠି କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଥିଲା। ମାତ୍ର ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ହୋଇ ନ ଥିବା ପରିଷଦ ଅଭିଯୋଗ କରିଛି। ଏହି ଦୁଇଟି ଘଟଣାର ସମାଧାନ କରା ନ ଗଲେ ପରିଷଦ ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବିଭୂତି ଭୂଷଣ ବେହେରା, ଶିବ ଚରଣ ଦାସ, ନାରାୟଣ ସେଠୀ, ଅକ୍ଷୟ ସେଠୀ, ସୁନାକର ଜେନା, ବିଭୂତି ତରାଇ, ବଂଶୀଧର ଭୋଇ, ଚୈତନ୍ୟ ସାମଲ, ଭାଗ୍ୟଧର ସାମଲ, ଗୋବିନ୍ଦ ସାହୁ, ସରୋଜିନୀ ଭୋଇ, ଶଙ୍କର ସାମଲ ଓ ସାବି ସାମଲଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।

# ପ୍ରାର୍ଥିପତ୍ର ଦାଖଲବେଳେ ୨ ଗୋଷ୍ଠୀ ମୁହାଁମୁହିଁ





ଖ୍ରୀଷ୍ଟ କଲେଜ ଓ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଶୋଭାଯାତ୍ରାରେ ଯାଉଛନ୍ତି।

**କଟକ ଅଫିସ,୩।୧୦**

କଟକରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଏବଂ ମଧୁସୂଦନ ଆଇନ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ବାତିଲ ହୋଇଥିବାବେଳେ ଅନ୍ୟ କଲେଜଗୁଡିକର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଖ୍ରୀଷ୍ଟ କଲେଜ, ଜାତୀୟ କବି ବୀର କିଶୋର (ଜେକେବିକେ) କଲେଜ, ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜ, କଟକ କଲେଜ, ଷ୍ଟିୱାର୍ଟ କଲେଜ, ରଘୁନାଥ ଜୀଉ କଲେଜ, ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ବୀରେନ ମିତ୍ର ମହିଳା ମହାବିଦ୍ୟାଳୟ ସମେତ ଅନ୍ୟ କଲେଜଗୁଡିକରେ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଛାତ୍ରୀଛାତ୍ରମାନେ ନିଜ ନିଜର ସମର୍ଥକଙ୍କ ସହ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କାଁ ଭାଁ ଗଣ୍ଡଗୋଳ ଛାଡି ଶାନ୍ତିଶୃଙ୍ଖଳାର ସହ ଏହି ପ୍ରକ୍ରିୟା ଶେଷ ହୋଇଛି। ଗୁରୁବାର ୧୧ଟାରେ ଯୋଗ୍ୟ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ ପାଇବ। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଆବେଦନ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଅପରାହ୍ନ ୫ଟାରେ ଚୂଡାନ୍ତ ପ୍ରାର୍ଥି ତାଲିକା ପ୍ରକାଶ ପାଇବ। ତେବେ ନାମାଙ୍କନ ପତ୍ର ଦାଖଲ ବେଳେ ଖ୍ରୀଷ୍ଟ କଲେଜ, ଜେକେବିକେରେ ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିବାବେଳେ ନେତାଜୀ ସୁଭାଷ ମେମୋରିଆଲ ସିଟି କଲେଜରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଉଭୟ ପକ୍ଷ ପରସ୍ପର ବିରୋଧରେ ନାରା ଦେଇ ଯାଉଥିବାବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଯୁକ୍ତିତର୍କରୁ ହାତାହାତି ହୋଇଥିଲେ। ତେବେ ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏନେଇ ଉଭୟ ଗୋଷ୍ଠୀ ପକ୍ଷରୁ ବାଦାମବାଡି ଥାନାରେ ଅଭିଯୋଗ କରାଯାଇଛି।

# ଲାଞ୍ଚ:ପାକ୍ସ ସମ୍ପାଦକ, ଆର୍‌ଆଇ ଗିରଫ

**କଟକ ଅଫିସ, ୩।୧୦**

୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଧଣ୍ଡମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ) ସମ୍ପାଦକ ବଂଶୀଧର ପ୍ରଧାନ। ଏନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ୬୧/୧୮ରେ ଏକ ମାମଲା ରୁଜୁ କରାଯାଇ ବଂଶୀଧରଙ୍କୁ ଗିରଫ କରାଯାଇଛି। ସେହିଭଳି ଗଞ୍ଜାମ ଜିଲା ଭଞ୍ଜନଗର ତହସିଲ ବଡ଼କୋଦଣ୍ଡ ରାଜସ୍ୱ ଆର୍‌ଆଇ ବଳରାମ ପାଣିଗ୍ରାହୀ ଜଣେ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲେ। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୪୩/୧୮ରେ ଏକ ମାମଲା ରୁଜୁ କରାଯାଇ ଆର୍‌ଆଇ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ସୂଚନା ଦେଇଛି।





କଟକସ୍ଥିତ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଦାବି କରି ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।





ବିଭିନ୍ନ ଦାବି ନେଇ ବୁଧବାର ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ନୂଆପଡାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



କଟକ ଶତାବ୍ଦି ଭବନରେ ପ୍ରଫେସର ଆର୍ତ୍ତବଲ୍ଲଭ ସ୍ମୃତି ସଂସଦ ପକ୍ଷରୁ ବୁଧବାର ଅନୁଷ୍ଠିତ ପ୍ରଦ୍ମଶ୍ରୀ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସ୍ମୃତିସଭାରେ ଗବେଷକ ଡ. ହରେକୃଷ୍ଣ ପାତ୍ରଙ୍କୁ ଆର୍ତ୍ତବଲ୍ଲଭ ସମ୍ମାନ ପ୍ରଦାନ କରାଯାଉଛି।



ମଣିଷ ଜନ୍ମ ଦୁର୍ଲଭ। ଏହି ଜନ୍ମରେ ଯିଏ ଭଗବାନଙ୍କୁ ଲାଭ କରିବା ପାଇଁ ଚେଷ୍ଟା ନ କରେ ତା'ର ଜନ୍ମ ବୃଥା।
- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଚୂଆରେ ପଡି ଯୁବକ ମୃତ

**ଖୋର୍ଦ୍ଧା ଅଫିସ/ବୋଲଗଡ,୩।୧୦:** ଚୂଆରେ ପଡି ବୋଲଗଡ ବ୍ଲକ ସାନପଦର ଆଦିବାସୀ ସାହିର ଶଙ୍କର ନାୟକ (୩୭)ଙ୍କ ମୃତ୍ୟୁ ହରାଇଛନ୍ତି। ଶଙ୍କର ବୁଧବା'ର ଅପରାହ୍ନରେ ସ୍ଥାନୀୟ ଗହୀର ମଝିର ଚୂଆକୁ ଗାଧୋଇବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ଖୋଜାଖୋଜି କରାଯାଇଥିଲା। ଶେଷରେ ଚୂଆରେ ପଡିଥିବା ଜଣାପଡିବା ପରେ ବେଗୁନିଆ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଥିଲେ।

### ହାତୀ ଦଳିଦେଲେ ଧାନ ଫସଲ

**ଖୋର୍ଦ୍ଧା ଅଫିସ,୩।୧୦:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡିର ମୁକ୍ତାପୁରସ୍ଥିତ କବାରୀମାଳ ମୌଜାରେ ମଙ୍ଗଳବାର ରାତିରେ ହାତୀ ପଶି ୫ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରିଛନ୍ତି। ମୁକ୍ତାପୁର ଗାଁର ଲକ୍ଷ୍ମୀଧର ଜେନା, ନବ ଜେନା, ନୀଳକଣ୍ଠ ଜେନା, ବଳରାମ ସାହୁ, ଦେବରାଜ ସାହୁ, ମାଗୁଣୀ ଜେନା, ମାଧବ ସାହୁ, ଜଗବନ୍ଧୁ ସାହୁ, ଭାଗୀରଥି ପାଇକରାୟ, ସନାତନ ସାହୁ, ଧନେଶ୍ୱର ନାୟକ ଓ ଦୋଳଗୋବିନ୍ଦ ସାହୁଙ୍କ ଧାନ ଫସଲ ନଷ୍ଟ ହୋଇଛି। ୪ଟି ହାତୀ ଆସି ଧାନ ଫସଲ ନଷ୍ଟ କରିଛନ୍ତି। ବନବିଭାଗ ତଦନ୍ତ କରି କ୍ଷତିପୂରଣ ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

### କଲେଜ ନିକଟରେ ବୋମାମାଡ଼

**ଖୋର୍ଦ୍ଧା ଅଫିସ,୩।୧୦:** ବେଗୁନିଆ କଲେଜ ନିକଟରେ ବୁଧବାର ସନ୍ଧ୍ୟାରେ ବୋମାମାଡ ହୋଇଛି। ବୋମା କିଏ ପକାଇଛି ତା'ର କାରଣ ଜଣାପଡିନି। ପୋଲିସ ବି ନିଜ ଆଡୁ ଘଟଣାର ତଦନ୍ତ କରିନି। ବରଂ ଅଭିଯୋଗ ନାହିଁ କହି ଚୁପ ରହିଛି। ବୋମା ଫୁଟିବା ପରେ ସାଧାରଣରେ ଭୟର ବାତାବରଣ ଲାଗି ରହିଛି।

### ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କୃଷ୍ଣପ୍ରସାଦ,୩।୧୦(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ ତିତିପ ପଞ୍ଚାୟତର ଚଢେୟା ଛକଠାରେ ବୁଧବାର ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଉଦୟନାଥ ଜେନାଙ୍କ ନେତୃତ୍ୱରେ ଏବଂ ମା କାଳୀଚଣ୍ଡୀ ଯୁବକ ସଂଗଠନ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଗଠନର ପ୍ରବଣ କୁମାର ଖୁଣ୍ଟିଆ, ପ୍ରତାପ କୁମାର ଖୁଣ୍ଟିଆ, ବସନ୍ତ କୁମାର ପଲେଇ, ପ୍ରଦୀପ କୁମାର ସାହୁ, ନନ୍ଦକିଶୋର ନାଥ, ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ର ଓ ସମିତି ସଭ୍ୟ ମନୋଜ କୁମାର ସାହୁ ପ୍ରମୁଖ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ପ୍ରାଣପ୍ରତିଷ୍ଠା, ସଂକୀର୍ତ୍ତନ ଓ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ବିଜୁ ଯୁବ ବାହିନୀର ନିଶାକୁ ନା

**କୃଷ୍ଣପ୍ରସାଦ, ୩।୧୦ (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ ଏହି ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ ନିଶାକୁ ନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତୁ ଆମେ ଶପଥ ନେବା ନିଶାରୁ ଦୂରେଇ ରହିବା ଲକ୍ଷ୍ୟରେ ନିଶାକୁ ନା କାର୍ଯ୍ୟକ୍ରମ ଗାନ୍ଧୀ ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଯୁବ ବାହିନୀ ସଭାପତି ଜ୍ୟୋତି ରଞ୍ଜନ ବେହେରା, ସମ୍ପାଦକ ଅନିଲ କୁମାର ସିଂହ, କୋଷାଧ୍ୟକ୍ଷ ଚିନୁ ମାଝିଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଧ୍ୟମରେ ଜନସଚେତନତା କରାଯାଇଥିଲା।

### ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ

**ଖୋର୍ଦ୍ଧା ଅଫିସ,୩।୧୦:** ବାଣପୁର ଥାନା ନାଚୁଣି ଫାଣ୍ଡି ନିକଟସ୍ଥ କୁଲେଇ ଛକଠାରେ ମାଙ୍କଡା ପଥର ବୋଝ ଟ୍ରକ ଭାରସାମ୍ୟ ହରାଇ ବୁଧବାର ବିଲ ଭିତରକୁ ଓଲଟି ପଡିଛି। ନମ୍ବର ବିହୀନ ଟ୍ରକ୍‌ଟି କାହାର ଜଣାପଡିନାହିଁ। ଦୁର୍ଘଟଣା ପରେ ଡ୍ରାଇଭର ଓ ଖଲାସି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ନାଚୁଣି ଅଞ୍ଚଳରୁ ପ୍ରତ୍ୟେହ ବେଆଇନ ମାଙ୍କଡା ପଥର ଚୋରା ଚାଲାଣ ହେବାର ଅଭିଯୋଗ ପୋଲିସ ଓ ତହସିଲରେ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି।






ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରୁଛନ୍ତି। କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ପିଲାମାନେ ଶୋଭାଯାତ୍ରାରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ଯାଉଛନ୍ତି।

■ ଛାତ୍ର ସଂସଦର ଗୁରୁତ୍ୱ ବଢ଼ାଇଲା ସାଧାରଣ ନିର୍ବାଚନ

# ପ୍ରାର୍ଥିପତ୍ର ଦାଖଲ ପରେ ମାହୋଲ ଚଳଚଞ୍ଚଳ

**ଖୋର୍ଦ୍ଧା ଅଫିସ,୩।୧୦**

ମୁଣ୍ଡ ଉପରେ ଲୋକସଭା, ବିଧାନସଭା ଓ ପୌର ନିର୍ବାଚନ ଥିବାରୁ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନର ଗୁରୁତ୍ୱ ବଢ଼ିଯାଇଛି। ରାଜନୈତିକ ଦଳମାନେ ଛାତ୍ର ସଂସଦ ନିର୍ବାଚନକୁ କ୍ୱାର୍ଟର ଫାଇନାଲ ଭାବେ ଗ୍ରହଣ କରି ନେଇଛନ୍ତି। ବିଜେଡି ଓ ଭାଜପା ଦୁଇ ପ୍ରମୁଖ ରାଜନୈତିକ ଦଳ ନିଜ ନିଜର ଛାତ୍ର ସଙ୍ଗଠନ ମାଧ୍ୟମରେ ପ୍ରାର୍ଥୀ ଦେଇଛନ୍ତି। କଂଗ୍ରେସ ଦଳ ଏଠାରେ ପ୍ରାର୍ଥୀ ଦେଇନାହିଁ। ଖୋର୍ଦ୍ଧା ସହରର ପି.ଏନ. କଲେଜ ଓ ମହିଳା ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଉଷ୍ମତା ପରିଲକ୍ଷିତ ହୋଇଛି। ଏହି ଦୁଇ କଲେଜରେ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ଅଧିକାଂଶ ଆଶାୟୀ ପ୍ରାର୍ଥୀ ସମର୍ଥକ ଓ ପ୍ରସ୍ତାବକଙ୍କ ସହ ଶୋଭାଯାତ୍ରାରେ ଆସିଥିଲେ। ପ୍ରାର୍ଥୀଙ୍କ ସପକ୍ଷରେ ଜିନ୍ଦାବାଦ ଧ୍ୱନିରେ କ୍ୟାମ୍ପସ ପ୍ରକମ୍ପିତ ହୋଇଥିଲା। ନାମାଙ୍କନ ପତ୍ର ଦାଖଲ ପରେ ମାହୋଲ ଅଧିକ ସରଗରମ ହୋଇଛି। କଲେଜ ଫାଟକ ସମ୍ମୁଖରେ ରାଜନୈତିକ ଦଳର ଆଞ୍ଚଳିକ ନେତାମାନଙ୍କୁ ଦେଖିବାକୁ ମିଳିଛି। ପ୍ରାର୍ଥୀମାନେ କ୍ୟାମ୍ପସ ଭିତରେ ଓ ବାହାରେ ପ୍ରଚାରକୁ ତ୍ୱରାନ୍ୱିତ କରିଛନ୍ତି। କୌଣସି ପ୍ରାର୍ଥୀଙ୍କର ଉପସ୍ଥାନ କମ କିମ୍ବା ଅନ୍ୟ କୌଣସି କାରଣ ଲାଗି ପ୍ରାର୍ଥିପତ୍ର ନାକଚ ହୋଇଯାଏ ତେବେ ଆଶାୟୀଙ୍କ ଡମି ପ୍ରାର୍ଥୀ ନିର୍ବାଚନକୁ ଓହ୍ଲାଇବେ। ଏପରି କିଛି ପ୍ରାର୍ଥୀ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟରେ ଦିଆଯାଇଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ସଭାପତି ଓ ସମ୍ପାଦକ ପଦବୀରେ ବିଜୟୀ ହେବା ପାଇଁ ବିଜୁ ଜନତା ଛାତ୍ର ଜନତା ଦଳ, ଏବିଭିପି, ପିଏନଏସଏ ପକ୍ଷରୁ ପ୍ରାଧାନ୍ୟ ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ତେବେ ଯେନତେନ ପ୍ରକାରେଣ ସ୍ଥିତି ଜାହିର ପାଇଁ ଆରମ୍ଭ ହୋଇଗଲାଣି ଉଦ୍ୟମ। ନିଜ ସମର୍ଥକଙ୍କୁ ଜିତାଇବା ପାଇଁ ଚାଲିଲାଣି ଗୋଟି ଚାଳନା। ଛାତ୍ର ସଂସଦ ନିର୍ବାଚନ ଲାଗି ଲିଙ୍ଗଡୋ କମିଶନଙ୍କ ସୁପାରିସ ଆଧାରରେ ଖର୍ଚ୍ଚ ଉପରେ କଟକଣା ସହ ଆଦର୍ଶ ଆଚରଣ ବିଧି ରହିଛି। ହେଲେ ସାଧାରଣ ନିର୍ବାଚନରେ ରାଜନୈତିକ ପ୍ରାର୍ଥୀମାନେ କଟକଣାକୁ ଯେପରି ହାଲକା ଭାବେ ଫୁ କରି ଏଡାଇ ଦିଅନ୍ତି କଲେଜ କ୍ୟାମ୍ପସ ନିର୍ବାଚନରେ ସେଇ ଏକା ଅବସ୍ଥା। ପ୍ରାର୍ଥିପତ୍ର କାଏମ ରହୁଛି ନାଁ କାଟ ଖାଉଛି ଜଣାନାହିଁ। ସେପଟେ ହଜାର ହଜାର ଟଙ୍କା ପାଣି ପରି ଖର୍ଚ୍ଚ ଆରମ୍ଭ ହୋଇଗଲାଣି। ପାର୍ଟିର ଆସର ମଧ୍ୟ ଜମିଲାଣି। ଏଥର ନିର୍ବାଚନ ବ୍ୟୟବହୁଳ ହୋଇପଡିବ ବୋଲି ପ୍ରଥମରୁ ଜଣା ପଡି ସାରିଲାଣି। ଉଭୟ ମହାବିଦ୍ୟାଳୟରେ ୧ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ। ସରକାରୀ ନିୟମ ଅନୁସାରେ ଅକ୍ଟୋବର ୪ରେ ଯୋଗ୍ୟ ପ୍ରାର୍ଥୀଙ୍କର ନାମ ପ୍ରକାଶ ପାଇବ। ନାକଚ ତାଲିକା ନୋଟିସ୍ ବୋର୍ଡରେ ଝୁଲିବ। ୧୦ ତାରିଖରେ ମୁଁ କାହିଁକି ପ୍ରାର୍ଥୀ ହୋଇଛି ମିଟିଂ ହେବ। ୧୧ ତାରିଖ ପୂର୍ବାହ୍ନ ୮ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ ହେବ। ପରେ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୨ତାରିଖରେ ବିଜୟୀ ଛାତ୍ରନେତା ଶପଥ ନେବେ। ଏ ସମ୍ପର୍କରେ ଖୋର୍ଦ୍ଧା ପି.ଏନ. କଲେଜର ଅଧ୍ୟକ୍ଷ ବିଦ୍ୟାଧର ବେହେରା ଓ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବାଶ ଚନ୍ଦ୍ର ହୋତା କୁହନ୍ତି, ଲିଙ୍ଗ୍‌ଡୋ କମିଶନ୍‌ଙ୍କ ଆଇନକୁ କଡାକଡି ଭାବେ ପାଳନ କରାଯାଉଛି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି। ମହାବିଦ୍ୟାଳୟ କର୍ମଚାରୀ ଓ ଛାତ୍ରୀମାନେ ମଧ୍ୟ ସହଯୋଗ କରୁଛନ୍ତି। ପ୍ରାର୍ଥିପ୍ରାର୍ଥିନୀ ନିଜ ସପକ୍ଷରେ ପ୍ରଚାର କରିବା ପୋଷ୍ଟର ମାରିବାକୁ କ୍ୟାମ୍ପସରେ ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରି ଦେଖାଇ ଦିଆଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଛୁଟି ନେଇ ପାରିବେ ନାହିଁ ବୋଲି ନୋଟିସ୍ ହୋଇଛି। ଅଧ୍ୟକ୍ଷଅଧ୍ୟକ୍ଷାଙ୍କ ନେତୃତ୍ୱରେ ଅଭିଯୋଗ ପ୍ରତିକାର ସେଲ ଗଠନ ହୋଇଛି। ବିଭିନ୍ନ କଲେଜରେ ଛାତ୍ରୀଛାତ୍ରମାନେ ନାମାଙ୍କନପତ୍ର ବୁଧବାର ଦାଖଲ କରିଛନ୍ତି। ସେଗୁଡ଼ିକ ହେଲା, ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ, ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ, ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ଜଟଣୀ କଲେଜ, ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟ, ବେଗୁନିଆ ମହାବିଦ୍ୟାଳୟ। ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ସହ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# ସମାଧାନ ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ବୋଲଗଡ଼, ୩।୧୦(ଡି.ଏନ.ଏ.)**

ବିଭିନ୍ନ ଦାବିରେ ବୋଲଗଡ଼ ବ୍ଲକ ବାଙ୍କୋଇ କେସିପିଏନ୍ ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଚଳିତ ବର୍ଷ ଧାର୍ଯ୍ୟ ହୋଇଥିବା ରିଆଡ଼ମିସନ ଦେୟ କମାଇବା, ଆବଶ୍ୟକ ଅନୁସାରେ ଫ୍ୟାନ ଲଗାଇବା, ପାନୀୟ ଜଳର ବ୍ୟବସ୍ଥା ଓ ବାର୍ଷିକ ଉତ୍ସବ ପାଳନ ଆଦି ଦାବି ହୋଇଛି। ଛାତ୍ରୀଛାତ୍ର ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏ ଘଟଣା ନେଇ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମନ୍ତରାୟ, ଅଧ୍ୟାପକ ପ୍ରଶାନ୍ତ କୁମାର ତ୍ରିପାଠୀ ପ୍ରମୁଖ ପିଲାମାନଙ୍କୁ ବୁଝାସୁଝା କରିଥିଲେ। ଦାବିଗୁଡିକ ସମାଧାନ କରିବାକୁ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନାପୂର୍ବକ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ମହାବିଦ୍ୟାଳୟର ଛାତ୍ରମାନେ ବିଭିନ୍ନ ଦାବିରେ ଗେଟ୍‌ରେ ତାଲା ପକାଇ ବସିଛନ୍ତି।

# ବନ୍ଧୁକ ବିକ୍ରିକରି ଜଣେ ଗିରଫ

**ନୟାଗଡ଼ ଅଫିସ,୩।୧୦**

ବନ୍ଧୁକ ବିକ୍ରି ଅଭିଯୋଗରେ ନୟାଗଡ଼ ସହରରେ ରହୁଥିବା ଜଣେ ଅଟୋ ଡ୍ରାଇଭରଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ବ୍ୟକ୍ତି ଜଣଙ୍କ ହେଲେ ନୟାଗଡ଼ ଏନ୍‌ଏସି ଯଦୁମଣି ନଗରର ଦୀପକ କୁମାର ବସନ୍ତରାୟ।

ଦୀପକ କେନ୍ଦ୍ରାପଡ଼ାରୁ ବନ୍ଧୁକ ଆଣି ନୟାଗଡ଼ ସହରରେ ବିକ୍ରି କରନ୍ତି। ପୋଲିସ ତଦନ୍ତ କରିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ସେ ଏକ ବନ୍ଧୁକ ବିକ୍ରି କରିବେ ବୋଲି ଜାଣିବାକୁ ପାଇଥିଲା। ସନ୍ଧ୍ୟା ୭ଟାରେ ରତନପୁର ଦେବର୍ତ୍ତାପଲ୍ଲି ରାସ୍ତାରେ ଦୀପକ ଛିଡ଼ା ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଦୀପକଙ୍କ ଠାରୁ ଏକ ୯ ଏମ୍‌ଏମ୍‌ର ବିଦେଶୀ ବନ୍ଧୁକ, ୯ ଜୀବନ୍ତ ଗୁଳି ଓ ୨ ମାଗାଜିନ୍ ଜବତ କରାଯାଇଛି। ବନ୍ଧୁକକୁ ଦୀପକ ଜଣେ ଗ୍ରାହକଙ୍କୁ ୬୦ ହଜାର ଟଙ୍କାରେ ବିକ୍ରି କରିଥାନ୍ତେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଟାଉନ ଥାନାରେ ୧୪୩/୧୮ରେ ମାମଲା ରୁଜୁ କରାଯାଇ ଦୀପକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଟିଟୋ ଗ୍ୟାଙ୍ଗର ସଦସ୍ୟ ବାବୁ ସହ ଦୀପକଙ୍କର ପୂର୍ବରୁ ଲିଙ୍କ ଥିବା ଜଣାପଡ଼ିଛି। ଏଣୁ ଦରକାର ପଡ଼ିଲେ ପୋଲିସ ତାଙ୍କୁ ରିମାଣ୍ଡରେ ଆଣି ତଦନ୍ତ କରିବ ବୋଲି ମଧ୍ୟ ପୋଲିସ ସୂଚନା ଦେଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଜନସମ୍ପର୍କ ପଦଯାତ୍ରାରେ ନେତା ଓ କର୍ମୀମାନେ।

**ଜଟଣୀ,୩।୧୦(ଡି.ଏନ.ଏ.)**

ଜଟଣୀ ବ୍ଲକର ଛତାବର ପଞ୍ଚାୟତରେ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜୁ ଯୁବ ଜନତା ଦଳର ସଭାପତି ବିଷ୍ଣୁ ପ୍ରସାଦ ଡେଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡ଼ି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ପଞ୍ଚାୟତର ସରପଞ୍ଚ ମନସ୍ୱିନୀ ମିଶ୍ର ଡେଙ୍ଗ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବହୁ ମହିଳାପୁରୁଷ ଯୋଗଦେଇ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇଥିଲେ।

# ବିଜେଡି ପକ୍ଷରୁ ମହିଳା ସମାବେଶ

**ଜଟଣୀ,୩।୧୦(ଡି.ଏନ.ଏ.)**

ଜଟଣୀ ଉତ୍ତରାୟଣୀ ମନ୍ଦିର ପରିସରରେ ବୁଧବାର ବିଜେଡି ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଥିଲା। ବିଜେଡି ଆଞ୍ଚଳିକ ଉନ୍ନୟନ ପରିଷଦ ବ୍ୟାନରରେ ଏହା ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଧାୟକଙ୍କ ଜଟଣୀ ବ୍ଲକ ପ୍ରତିନିଧି ବିଜୟ ଛୋଟରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ରବିନାରାୟଣ ସ୍ୱାଇଁ, ଦିବାକର ମଙ୍ଗରାଜ, ମହମ୍ମଦ ଅଜିତ୍, ନାରୀନେତ୍ରୀ ବାସନ୍ତୀ ନାୟକ, ଅଞ୍ଜଳି ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ। ମହିଳା ସଶକ୍ତୀକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଏଥିରେ ଅନେକ ମହିଳା ଯୋଗ ଦେଇଥିଲେ।

■ ପଥର ବ୍ଲାଷ୍ଟିଂ: ମୃତକଙ୍କ ପରିବାରକୁ ମିଳିଲାନି କ୍ଷତିପୂରଣ

# ପ୍ରତିବାଦରେ ସଦର ଥାନା ସମ୍ମୁଖରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୩।୧୦**

ପଥର ବ୍ଲାଷ୍ଟିଂ ଉଦ୍ଦେଶ୍ୟରେ ସଫା କରି କମ୍ପ୍ରେସର ଲଗାଉଥିବାବେଳେ ଅଗଷ୍ଟ ୧୪ ରେ ଟାଙ୍ଗୁରି ମୁଣ୍ଡିଆର କଳିଙ୍ଗ ପାହାଡ ପ୍ଲଟ ନଂ. 'କ' ରୁ ୨୦୦ ଫୁଟ ତଳକୁ ଖସି କଁପୁର ଗାଁର ବାଙ୍ଗୁରୁ କଳସ ଓରଫ ଟୁଲୁ(୨୮)ଙ୍କ ମୃତ୍ୟୁ ହୋଇଥିଲା। ଘଟଣା ଘଟିବାର ୫୦ ଦିନ ବିତି ଜିବାକୁ ବସିଥିବାବେଳେ ପରିବାର ଲୋକ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏପରିସ୍ଥଳେ ପୋଲିସ ନଂ. ୧୧୮/୧୮ରେ ମାମଲା ରୁଜୁ କରି ବସି ରହିଛି। ପୋଲିସର କାର୍ଯ୍ୟକଳାପରେ ଅସନ୍ତୋଷ ବ୍ୟକ୍ତ କରି ମୃତକଙ୍କ ପରିବାରର ସଦସ୍ୟମାନେ ସଦର ଥାନା ସମ୍ମୁଖରେ ବୁଧବାର ସନ୍ଧ୍ୟାରେ ବିକ୍ଷୋଭ କରିଥିଲେ। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ପାଇବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା। ପ୍ରାପ୍ତ ସୂଚନା ଅନୁସାରେ ହାତିଆମୁଣ୍ଡିଆ, ଟାଙ୍ଗିରି ୧ ଓ ୨, କଳିଙ୍ଗ, ବଡସାଉଁଳି, ଧନିଆ, ଶଙ୍ଖାଳି, ମଳିପଡା ଖୁଆ, ଶୋରିଷବଣିଆ, ହନୁମନ୍ତିଆ, ଯୋଡାଆମ୍ବ, ମାଣ୍ଡିଆତଇଲା, ଭୂଇଁମୁଣ୍ଡିଆ ପରି ପାହାଡରେ ୫୧ ପଥର ଖଣି କରାଯାଇଛି। ଏହି ୫୧ ଖଣିରୁ ୪୩ ଖଣିକୁ ନିଲାମ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ତେବେ ୩୮ରୁ ୪୩ ନଂ. ପର୍ଯ୍ୟନ୍ତ ଖଣି ହାଇକୋର୍ଟର ଷ୍ଟେ ରହିଥିବାରୁ ଏଗୁଡିକୁ ବାଦ୍ ଦିଆଯାଇଥିଲା। ପରବର୍ତ୍ତ ପର୍ଯ୍ୟାୟରେ କିଛି ଖଣି ନିଲାମ ହୋଇଥିଲେ ମଧ୍ୟ ନିଲାମଧରୀ ଏ ଯାବତ ତାହାକୁ ଦଖଲକୁ ନେଇନାହାନ୍ତି।



କ୍ଷତିପୂରଣ ଦାବିରେ ସଦର ଥାନାରେ ପରିବାରର ସଦସ୍ୟମାନେ।

■ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ଖବରଦାତାଙ୍କୁ ଅଶାଳୀନ ବ୍ୟବହାର

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ(ଖୋର୍ଦ୍ଧା), (ଡି.ଏନ.ଏ.)୩।୧୦**

ଚିଲିକା ବ୍ଲକରେ ବୁଧବାର ଚାଲିଥିବା ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଖବରଦାତାମାନଙ୍କୁ ଜିଲାପାଳ ଓ ପିଡି ଡିଆରଡିଏଙ୍କ ଆଶାଳୀନ ବ୍ୟବହାର ମର୍ମାହତ କରିଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଉପରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣ ବଢୁଥିବାବେଳେ ଖରାପ ବ୍ୟବହାର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମ ବର୍ଜନ କରିବାକୁ ବାଧ୍ୟ କରାଇଛି। ଚିଲିକା ଜର୍ନାଲିଷ୍ଟ ୟୁନିୟନ ଓ ଟାଙ୍ଗୀ ସାମ୍ବାଦିକ ସଂଘ ଦୁଇ ପ୍ରଶାସନିକ ଅଧିକାରୀଙ୍କ ମନ୍ତବ୍ୟକୁ ନିନ୍ଦା କରିଛି। ଏ ଦିଗରେ ଜିଲା ପ୍ରଶାସନ ବିରୋଧରେ କେଉଁ ପଦକ୍ଷେପ ନିଆଯିବ ସେନେଇ ଜିଲାସ୍ତରୀୟ ଗଣମାଧ୍ୟମର ପ୍ରତିନିଧିଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ଚିଲିକା ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନ୍‌ଫରେନ୍‌ସିଂ ଚାଲିଥିବାବେଳେ କାର୍ଯ୍ୟକ୍ରମର ଭିଜୁଆଲ ଓ ଚିତ୍ର ଉତ୍ତୋଳନ ପାଇଁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚିଥିଲେ। ଏଭଳିସ୍ଥଳେ ଜିଲାପାଳ ଓ ପିଡି ଡିଆରଡିଏ ମିଳିତ ଭାବେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ବିରକ୍ତି ପ୍ରକାଶ କରି ଫଟୋ ଉଠାଇବା ଦରକାର ନାହିଁ ଦର୍ଶାଇ ପଛରେ ଯାଇ ବସିବାକୁ କହିଥିଲେ। କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶାସନ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ବି ଦେଇ ନ ଥିଲା। ପରେ ଅପମାନିତ କରି ତଡି ଦେବା ଘଟଣାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି ଗଣମାଧ୍ୟମର ପ୍ରତିନିଧି। ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କ ପ୍ରୟାସକୁ ସରକାରୀ ବାବୁମାନଙ୍କ ଏହା ଉପହାସ ବୋଲି ଚର୍ଚ୍ଚା ହେଉଛି। ଏଥିରେ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ବିଜେଡି ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ବ୍ଲକ ଅଧ୍ୟକ୍ଷା ଝରଣା ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ପିଡି ଡିଆରଡିଏ ସରୋଜ ମିଶ୍ର, ବିଡିଓ ବାଦଲ ମହାନ୍ତି, ଚିଲିକା ତହସିଲଦାର ଅଶୋକ ଦାସ ଏହାକୁ ପରିଚାଳନା କରିଥିଲେ। ଚିଲିକା ବ୍ଲକ ୧୭ ଟି ପଞ୍ଚାୟତର ୧୨୨ ପ୍ରକଳ୍ପ ପାଇଁ ୪କୋଟି ୨୫ ଲକ୍ଷ ଟଙ୍କା ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି।



ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଓ ଅନ୍ୟମାନେ।

# ପଲିଥିନ, ପ୍ଲାଷ୍ଟିକ ମୁକ୍ତ ସଚେତନତା ଶୋଭାଯାତ୍ରା

**ବେଗୁନିଆ,୩।୧୦ (ଡି.ଏନ.ଏ.)**

ବିଷ ବଳୟ ମଧ୍ୟରେ ଆମେ ସମସ୍ତେ ସବୁଛେ। ବିଶେଷ କରି ଯୁଆଡେ ଯାଉଛେ ସବୁଠି ପଲିଥିନ ଓ ପ୍ଲାଷ୍ଟିକ ଗଦା ହୋଇରହିଛି। ଏଥିଯୋଗୁ ପରିବେଶ ପ୍ରଦୂଷଣ ହେବା ସହ ଅନେକ ରୋଗରେ ଆମେ ପୀଡିତ ହେଉଛେ। ଆସ ଆମେ ସବୁ ଏକତା ବଜାୟ ରଖିବା। ମାତ୍ରାଧିକ ବ୍ୟବହାର କରୁଥିବା ପଲିଥିନ ଓ ପ୍ଲାଷ୍ଟିକକୁ ଦୂରେଇ ଦେବା। ଆମ ପରିବେଶକୁ ଆମେ ହିଁ ସୁରକ୍ଷା ଦେବା। ଏଭଳି ମହତ ସଚେତନ ଶୋଭାଯାତ୍ରା ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ଦୁଇଦିନ ହେଲା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦେଖିବାକୁ ମିଳୁଛି। ପଲିଥିନ ଓ ପ୍ଲାଷ୍ଟିକକୁ ଯଦି ଆମେ ବର୍ଜନ କରିବା ତେବେ ଆମେ କିଭଳି ଚଳିବା। ଏହାର ବିକଳ୍ପ ପନ୍ଥା ହେଉଛି କପଡା ବ୍ୟାଗ ଓ କାଗଜ ତିଆରି ଠୁଙ୍ଗା ବୋଲି ପିଲାମାନେ ଲୋକମାନଙ୍କୁ ବୁଝାଇଥିଲେ।

ବେଗୁନିଆ ଗୋପବନ୍ଧୁ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବକିଶୋର ସାମନ୍ତରାୟ ଓ ସହକାରୀ ଶିକ୍ଷକ ଶାନ୍ତନୁ କୁମାର ପାଇକରାୟଙ୍କ ଅଧ୍ୟକ୍ଷତାରେ ପିଲାମାନେ ଶୋଭାଯାତ୍ରାରେ ବାହାରିଥିଲେ। ସେହିଭଳି ବେଗୁନିଆ ପଞ୍ଚାୟତ ସମିତି ପ୍ରାଥମିକ ବିଦ୍ୟାଳୟର ପିଲାମାନେ ମଧ୍ୟ ଶୋଭାଯାତ୍ରାରେ ସ୍ଥାନୀୟ ବଜାର ଓ ଗ୍ରାମ ପରିକ୍ରମା କରିଥିଲେ। ସିଆରସିସି ଗୋଲକ ସାହୁ, ଶିକ୍ଷକ ଅଖିଳେଶ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରଭାତୀ ଦାସ, ବାସନ୍ତୀ ସାହୁ ଓ ସୁଜାତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗାନ୍ଧୀ ଜୟନ୍ତୀ ଅବସରରେ ବେଗୁନିଆ ବଣିକ ସଂଘ ଓ ବିକାଶ ମଞ୍ଚ ପକ୍ଷରୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରନ୍ତୁ, ଆମ ଦେଶକୁ ବଞ୍ଚାନ୍ତୁ। ଏଥିସହ ଆମ ପରିବେଶକୁ ଆମେ ହିଁ ସୁଧାରିବା, ମହାତ୍ମା ଗାନ୍ଧୀଙ୍କ ସ୍ୱଚ୍ଛତା ନୀତିକୁ ଆମେ ସମସ୍ତେ ଅନୁକରଣ କରିବା ବୋଲି ସଚେତନତା ବାର୍ତ୍ତା ବିକାଶ ମଞ୍ଚର ସଭାପତି ଶିବ ମୁନିଙ୍କ ଦ୍ୱାରା ସୋସିଆଲ ମିଡିଆରେ ପଠାଇ ଦିଆଯାଇଛି।



ମଣିଷ ଜନ୍ମ ଦୁର୍ଲଭ। ଏହି ଜନ୍ମରେ ଯିଏ ଭଗବାନଙ୍କୁ ଲାଭ କରିବା ପାଇଁ ଚେଷ୍ଟା ନ କରେ ତା'ର ଜନ୍ମ ବୃଥା।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ମନ୍ତ୍ରୀଙ୍କ ବାସଭବନରେ ଭଙ୍ଗାରୁଜାକୁ ନିନ୍ଦା
### ୫ରେ ଶରଧାବାଲିରେ ପ୍ରତିବାଦ ସଭା

ପୁରୀ ଅଫିସ,୩।୧୦: ବନ୍ଦ ବେଳେ ବୁଧବାର ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ଯାଇ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନରେ ଭଙ୍ଗାରୁଜା କରିଥିଲେ। ବିକ୍ଷୋଭକାରୀଙ୍କ ମଧ୍ୟରେ ଭାଜପାର ଶତାଧିକ କର୍ମୀ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରିଥିବା ବିଜୁ ଜନତା ଦଳର ନଗର ସଭାପତି ସବ୍ୟସାଚୀ ମହାପାତ୍ର ଅଭିଯୋଗ କରିଛନ୍ତି। ଏହା ବିରୋଧରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଆସନ୍ତା ୫ ତାରିଖରେ ଶରଧାବାଲିରେ ବିଜେଡି ପକ୍ଷରୁ ଏକ ପ୍ରତିବାଦ ସଭା ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ଏହି ଆନ୍ଦୋଳନରେ ଭାଜପା କର୍ମୀ ସାମିଲ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି।

### ବୋମାମାଡ଼ ଆତଙ୍କ, ଏସ୍‌ପିଙ୍କ ଖଣ୍ଡନ

ପୁରୀ ଅଫିସ,୩।୧୦ : ବାସେଳି ସାହି ଥାନା ଅଞ୍ଚଳ ଲୋକନାଥରୋଡ୍‌ରେ ବୁଧବାର ରାତିରେ ବୋମାମାଡ଼ ହୋଇଥିବା ଓ ଏଥିରେ ଦୁଇଜଣ ଆହତ ହୋଇଥିବା ଖବର ଚାରିଆଡେ ବ୍ୟାପିଯାଇଥିଲା। ଏହାକୁ ନେଇ ସହରରେ ଆତଙ୍କ ଖେଳିଯାଇଥିଲା। ମାତ୍ର ଏହି ବୋମା ମାଡ଼ ଘଟଣାକୁ ଏସ୍‌ପି ସାର୍ଥକ ଷଡ଼ଙ୍ଗୀ ଅସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ବାସେଳି ସାହି ଥାନା ଅଧିକାରୀ କୁହନ୍ତି, ବୋମା ମାଡ଼ ଘଟଣା ସଂକ୍ରାନ୍ତରେ କୌଣସି ଅଭିଯୋଗ ଆସିନି। ତଥାପି ଘଟଣାର ତଦନ୍ତ ଜାରି ରହିଛି। ଏହା ଏକ ଗୁଜବ ଭଳି ଲାଗୁଛି।

### ଜୀବ ନିଷ୍ଠୁରତା ବିଭାଗର ଚଢ଼ାଉ

ପିପିଲି,୩।୧୦(ଡି.ଏନ୍.ଏ.)- ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଜାର ଏବଂ ଡେଲାଙ୍ଗ ବଜାରଗୁଡ଼ିକରେ ରାସ୍ତାପାର୍ଶ୍ୱରେ ଜୀବହତ୍ୟା କରୁଥିବା ଦୋକାନ ଉପରେ ବୁଧବାର ନିଷ୍ଠୁରତା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୬୧ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଉତ୍ତରା ଛକ, ମଙ୍ଗଳପୁର, ଡେଲାଙ୍ଗ ଷ୍ଟେଶନ ବଜାର, ଡେଲାଙ୍ଗ ଛକରେ ମଟନ, ଚିକେନ କାଉଣ୍ଟରରେ ଜୀବଜନ୍ତୁଙ୍କ ପ୍ରତି ହେଉଥିବା ନିର୍ମମ ହତ୍ୟା କରାଯାଉଛି । ଏହାକୁ ରୋକିବା ନିମନ୍ତେ ନିଷ୍ଠୁରତା ବିଭାଗର ଏକ ଟିମ ଚଢ଼ାଉ କରି ୬୧ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ଜୀବ ନିଷ୍ଠୁରତା ନିରୋଧ ଆଇନ ୧୯୬୦ବଳରେ ୮୪୫୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଟିମରେ ପିପିଲି ଜେଏମଏଫସି ଅରୂପ ନାୟକ, ଜୀବ ନିଷ୍ଠୁରତା ନିରୋଧ ଅଧିକାରୀ ନୀହାର ରଞ୍ଜନ ମାନସିଂ, ଜିଲା ମୁଖ୍ୟ ଚିକିତ୍ସା ବିଭାଗ ଅଧିକାରୀ ଗିରିଜା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ପୁରୀ ବନ୍ଦ ବେଳେ...
# ବ୍ୟାରିକେଡ ଉଡ଼ିଲା, ଶେଡ୍ ଜଳିଲା

ପୁରୀ ଅଫିସ, ୩।୧୦:

ଧାଡ଼ିଦର୍ଶନ ବ୍ୟବସ୍ଥାକୁ ବିରୋଧ କରି ସୃଷ୍ଟି ହୋଇଥିବା ଅସନ୍ତୋଷ ଶ୍ରୀମନ୍ଦିର ସିଂହଦ୍ୱାରରେ ହିଁ ପ୍ରଥମେ ଉଗ୍ରରୂପ ଧାରଣ କରିଥିଲା। ଶାନ୍ତିପୂର୍ଣ୍ଣ ଭାବେ ପୁରୀ ବନ୍ଦ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ହିଂସାର ରୂପ ନେଇଥିଲା। ଶହ ଶହ ବିକ୍ଷୋଭକାରୀ ସିଂହଦ୍ୱାର ନିକଟରେ ପ୍ରଶାସନ ବିରୋଧୀ ନାରାବାଜି କରିଥିଲେ। ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ଚଳିବ ନାହିଁ ବୋଲି ସ୍ଲୋଗାନ ଦେଇ ଆରମ୍ଭ କରିଦେଇଥିଲେ ହିଂସାକାଣ୍ଡ। ସିଂହଦ୍ୱାର ସମ୍ମୁଖରେ ହୋଇଥିବା ବ୍ୟାରିକେଡକୁ ଭଙ୍ଗାରୁଜା କରିଥିଲେ। ଆନ୍ଦୋଳନକାରୀଙ୍କ ଏପରି ସ୍ୱଭାବ ଦେଖି ଡ୍ୟୁଟିରେ ଥିବା ଅଳ୍ପ କେତେଜଣ ପୋଲିସ କର୍ମଚାରୀ ନୀରବଦ୍ରଷ୍ଟା ସାଜିଥିଲେ। ଏପରି କି ଦୁଇତିନିଜଣ ଆନ୍ଦୋଳନକାରୀ ମିଶି ଲୁହାର ଏହି ବ୍ୟାରିକେଡ୍‌କୁ ଗୋଟିକ ପରେ ଗୋଟିଏ ଟେକି ଫୋପାଡୁଥିଲେ। ସ୍ଥିତି ଏମିତି ଥିଲା ଯେ, ବ୍ୟାରିକେଡଗୁଡ଼ିକ ଉଡ଼ିବାର ଭ୍ରମ ସୃଷ୍ଟି କରିଥିଲା। ଭକ୍ତଙ୍କ ପାଇଁ ସିଂହଦ୍ୱାରରେ ହୋଇଥିବା ଶେଡ୍‌ରେ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ଆନ୍ଦୋଳନକାରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ବୁଲି ପ୍ରତି ଦ୍ୱାର ନିକଟରେ ଲଗାଯାଇଥିବା ହୋର୍ଡିଂ ଏବଂ ଶେଡ୍‌କୁ ମଧ୍ୟ ଭଙ୍ଗାରୁଜା କରିଥିଲେ।

### ମେଟାଲ ଡିଟେକ୍ଟର ଚୂର୍‌ମାର

ସିଂହଦ୍ୱାର ବ୍ୟାରିକେଡ୍‌ରେ ଲଗାଯାଇଥିବା ମେଟାଲ ଡିଟେକ୍ଟର ବି ଆନ୍ଦୋଳନକାରୀଙ୍କ ଆକ୍ରୋଶରୁ ବାଦ୍ ପଡି ନ ଥିଲା। ଶହ ଶହ ସଂଖ୍ୟାରେ ବିକ୍ଷୋଭକାରୀ ବ୍ୟାରିକେଡକୁ ଭାଙ୍ଗିବା ଦେଖି ମେଟାଲ ଡିଟେକ୍ଟର ନିକଟରେ ଯାଞ୍ଚ ପାଇଁ ଠିଆ ହୋଇଥିବା ପୋଲିସ କର୍ମଚାରୀ ପଳାଇ ଯାଇଥିଲେ। ଫଳରେ ଆନ୍ଦୋଳନକାରୀ ପ୍ରଥମେ ହଲାଇ ହଲାଇ ମେଟାଲ ଡିଟେକ୍ଟରକୁ ତଳେ ପକାଇ ଦେଇଥିଲେ। ଏହାପରେ ଲୁହା ରଡ୍‌ରେ ଏହାକୁ ବାଡେଇ ବାଡେଇ ଚୂର୍ନମାର କରିଥିଲେ।

### ଯାତ୍ରୀ, ପର୍ଯ୍ୟଟକ ହନ୍ତସନ୍ତ

ପୁରୀ ବନ୍ଦ ଯୋଗୁ ବୁଧବାର ଯାତ୍ରୀ ଏବଂ ପର୍ଯ୍ୟଟକ ହନ୍ତସନ୍ତ ହୋଇଛନ୍ତି। ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ଯାତ୍ରୀମାନେ ଷ୍ଟେଶନ ଏବଂ ବସ୍‌ଷ୍ଟାଣ୍ଡରୁ ଗନ୍ତବ୍ୟ ସ୍ଥଳକୁ ଯିବାରେ ଅସୁବିଧାରେ ପଡିଥିଲେ। ବାହାରୁ ଆସିଥିବା ଅନେକ ପର୍ଯ୍ୟଟକ ପୁରୀ ବନ୍ଦ ସମ୍ପର୍କରେ ଜାଣି ନ ଥିବାରୁ ସେମାନେ ଅଧିକ ହଇରାଣ ହୋଇଥିଲେ। ଅଟୋ ଓ ରିକ୍ସାକୁ ଆନ୍ଦୋଳନକାରୀମାନେ ଛାଡୁ ନ ଥିବାରୁ ଯାତ୍ରୀ ଏବଂ ପର୍ଯ୍ୟଟକ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳିଥିଲା।

### ୩ ଟ୍ରାଫିକ ପୋଷ୍ଟ ପୋଡ଼ି ପାଉଁଶ

ପୁରୀ ବନ୍ଦରେ ସାମିଲ ବିକ୍ଷୋଭକାରୀ ଏପରି ଉଗ୍ରରୂପ ଧାରଣ କରିଥିଲେ ଯେ, ସେମାନେ କିଛି ବି ଶୁଣିବାକୁ ନାରାଜ ଥିଲେ। ବଡ଼ଦାଣ୍ଡରେ କାଁ ଭାଁ ଖୋଲିଥିବା ଉଠାଦୋକାନକୁ ଭଙ୍ଗାରୁଜା କରିବା ସହ ସିଂହଦ୍ୱାରରୁ ମେଡିକାଲ ଛକ ପର୍ଯ୍ୟନ୍ତ ବ୍ୟାରିକେଡକୁ ଭାଙ୍ଗି ଏଣେତେଣେ ଫୋପାଡି ଦେଇଥିଲେ। ୩ଟି ଟ୍ରାଫିକ ପୋଷ୍ଟ (ମରିଚିକୋଟ ଛକ, ମାର୍କେଟ ଛକ ଓ ବଳଗଣ୍ଡି ଛକ)କୁ ପୋଡ଼ି ପାଉଁଶ କରିଦେଇଥିଲେ।

### ଟାଉନ ଥାନାରେ ଭଙ୍ଗାରୁଜା

ଶତାଧିକ ଆନ୍ଦୋଳନକାରୀ ହଠାତ୍ ଟାଉନ ଥାନାକୁ ଲକ୍ଷ୍ୟ କରି ଟେକାପଥର ମାଡ଼ କରିଥିଲେ। ଥାନା ଭିତରେ ପଶି ବ୍ୟାପକ ଭଙ୍ଗାରୁଜା କରିଥିଲେ। ଥାନା ଭିତରେ ଥିବା ପୋଲିସ କର୍ମଚାରୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଥାନାରେ ଥିବା କେତେଜଣ କର୍ମଚାରୀ ଦୌଡିବାକୁ ଉଦ୍ୟମ କରିବା ବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଏଥିରେ କେତେଜଣ ପୋଲିସ ଅଧିକାରୀ ଆହତ ହୋଇଥିଲେ। ଆକ୍ରମଣ ବେଳେ ଥାନାରେ ଅଳ୍ପ ସଂଖ୍ୟକ ପୋଲିସ ରହିଥିଲେ। ଫଳରେ ସେମାନେ ଆନ୍ଦୋଳନକାରୀଙ୍କ ରୋଷର ଶିକାର ହୋଇଥିଲେ।

### ବାଦ ପଡ଼ିଲାନି ଆମ୍ବୁଲାନ୍ସ

ଆନ୍ଦୋଳନକାରୀଙ୍କ ଢେଲାପଥର ଓ ପୋଲିସର ଲାଠି ମାଡ଼ରେ ଆହତମାନଙ୍କୁ ମେଡିକାଲ ନେବା ଲାଗି ଆମ୍ବୁଲାନ୍ସ ଆସିବା ବେଳେ ଆନ୍ଦୋଳନକାରୀମାନେ ଆମ୍ବୁଲାନ୍ସକୁ ଛାଡି ନ ଥିଲେ। ସିଡିଏମଓ ଆମ୍ବୁଲାନ୍ସରେ ଆସୁଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କୁ ମାର୍କେଟ ଛକରୁ ଆଗକୁ ଛାଡି ନ ଥିଲେ। ପରେ କେତେଜଣ ଖବରଦାତା ଏବଂ ସାମାଜିକ କର୍ମୀ ନିଜେ ଆମ୍ବୁଲାନ୍ସ ଧରି ସିଂହଦ୍ୱାର ଥାନା ନିକଟରୁ ଆହତ ପୋଲିସ, ଜନତା, ଖବରଦାତାମାନଙ୍କୁ ମେଡିକାଲକୁ ନେଇଥିଲେ।



ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ବାସଭବନ ପରିସରରେ ଭଙ୍ଗାରୁଜା ।



ଏସ୍‌ପିଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭକାରୀ ଟାୟାର ଜାଳି ପ୍ରତିବାଦ କରୁଛନ୍ତି ।



ପୋଲିସର ଲାଠିଚାର୍ଜ ବେଳର ଦୃଶ୍ୟ ।




ପୁରୀକୁ ଆସିଥିବା ପର୍ଯ୍ୟଟକମାନେ ଚାଲିଚାଲି ଯାଉଛନ୍ତି ।

# ହିଂସା ପଛରେ ପୁଞ୍ଜୀଭୂତ ଅସନ୍ତୋଷ: ନିଆଁରେ ଘିଅ ଢାଳିଲେ ସେବାୟତ

ପୁରୀ ଅଫିସ, ୩।୧୦:

ଧାଡ଼ିଦର୍ଶନକୁ ନେଇ ବନ୍ଦ ଡାକରା ଦେଇଥିଲା ଜଗନ୍ନାଥ ସେନା। ଏହି ବନ୍ଦ ଡାକରା ହିଂସାର ରୂପ ନେଲା। ଧାଡ଼ିଦର୍ଶନର ଅସନ୍ତୋଷରୁ ଏଭଳି ହିଂସା ଘଟିଲା ନା ଏହା ପଛରେ ଆଉ କିଛି ରହିଛି ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଆନ୍ଦୋଳନରେ ବହୁ ସଂଖ୍ୟକ ଅସାମାଜିକ ବ୍ୟକ୍ତି ସାମିଲ ଥିଲେ। ଏକ ଆଧ୍ୟାତ୍ମିକ ଚିନ୍ତାଧାରାର ଦାବିକୁ ନେଇ ହୋଇଥିବା ଆନ୍ଦୋଳନରେ ଅସାମାଜିକଙ୍କ ସମ୍ପୃକ୍ତିକୁ ନେଇ ମଧ୍ୟ ଭିନ୍ନ ଚର୍ଚ୍ଚା ହେଉଛି। ଯେତେବେଳେ ସହର ଜଳୁଥିଲା ସେହି ସମୟରେ ପୋଲିସ ବାହାରକୁ ବାହାରି ନ ଥିଲା। ଏହି ବନ୍ଦକୁ ହାଲ୍‌କା ଭାବେ ନେଇ ସମ୍ପୂର୍ଣ୍ଣ ଅପ୍ରସ୍ତୁତ ରହିଥିଲା ପୁରୀ ପୋଲିସ। ସେବାୟତଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଏହି ଆନ୍ଦୋଳନ ପାଇଁ ପ୍ରୋତ୍ସାହନ ଯୋଗାଇଥିଲା। ଏହିସବୁ କାରଣ ହିଂସାର ମୂଳ ମଞ୍ଜି ବୋଲି କୁହାଯାଉଛି।

ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ନେଇ ମାମଲା ରୁଜୁ ହେବା ପରଠାରୁ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ସୁପ୍ରିମ୍‌କୋର୍ଟ ଦେଇଥିବା ୧୨ଟି ପ୍ରସ୍ତାବ ମଧ୍ୟରୁ ୧୦ଟି ପ୍ରସ୍ତାବ କାର୍ଯ୍ୟକାରୀ କରିବା ଲାଗି ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ସେଥିମଧ୍ୟରେ ଧାଡ଼ିଦର୍ଶନ ବ୍ୟବସ୍ଥା ଥିଲା ଅନ୍ୟତମ। ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ଛତିଶା ନିଯୋଗରେ ବି ସହମତି ମିଳିଥିଲା। ଧାଡ଼ିଦର୍ଶନ ଯୋଗୁ ସେବାୟତ ବିଶେଷ ପ୍ରଭାବିତ ହେଉ ନ ଥିବାବେଳେ ଭକ୍ତ ଓ ସ୍ଥାନୀୟ ବାସିନ୍ଦା ପ୍ରଭାବିତ ହେଉଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ଦେଇଥିଲା ପୁରୀ ବନ୍ଦ ଡାକରା। କିନ୍ତୁ ଦାନ, ଦକ୍ଷିଣା ବନ୍ଦ ସମେତ ସୁପ୍ରିମ୍‌କୋର୍ଟଙ୍କ ଅନ୍ୟାନ୍ୟ ପ୍ରସ୍ତାବଗୁଡ଼ିକ ସେବାୟତଙ୍କ ଜୀବନ ଜୀବିକା ଉପରେ ପ୍ରଶ୍ନ ଉଠାଇଥିଲା। ଅନ୍ୟପକ୍ଷରେ ଯଦି ଧାଡ଼ିଦର୍ଶନ ବ୍ୟବସ୍ଥା ନିୟମିତ ହୁଏ ତେବେ ଶ୍ରୀମନ୍ଦିର ପ୍ରଶାସନ ସାହସ ଜୁଟାଇବ। ଅନ୍ୟାନ୍ୟ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଇବାରେ ଆଗକୁ ବଢ଼ିବ। ତେଣୁ ବଂଶାନୁକ୍ରମିକ ସେବା ଏବଂ ଦାନ, ଦକ୍ଷିଣା ଭଳି ପ୍ରସ୍ତାବକୁ ଦୃଷ୍ଟିରେ ରଖି ସେବାୟତ ପ୍ରଚ୍ଛଦପଟରେ ରହି ଏହି ଆନ୍ଦୋଳନକୁ ପ୍ରୋତ୍ସାହନ ଦେଇଥିବା ଚର୍ଚ୍ଚା ହେଉଛି। ଦୀର୍ଘବର୍ଷ ହେଲା ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଉଠାଦୋକାନୀ ପସରା ମେଲାଇଛନ୍ତି। ସିଂହଦ୍ୱାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବି ବହୁ ଉଠାଦୋକାନୀ ରହିଛନ୍ତି। ପରୋକ୍ଷରେ ପୋଲିସ ହାତଗୁଞ୍ଜା ନେଉଥିବା ଚର୍ଚ୍ଚା ହେଉଛି। ଧାଡ଼ିଦର୍ଶନ ପାଇଁ ବ୍ୟାରିକେଡ ନିର୍ମାଣବେଳେ ଲକ୍ଷ୍ମୀବଜାର ଯିବା ରାସ୍ତାଠାରୁ ସିଂହଦ୍ୱାର ଥାନା ପର୍ଯ୍ୟନ୍ତ ବସିଥିବା ଉଠାଦୋକାନୀଙ୍କୁ ପୋଲିସ ଉଚ୍ଛେଦ କରିଥିଲା। ସେମାନଙ୍କ ଭିତରେ ବି ଅସନ୍ତୋଷର ଦାନା ବାନ୍ଧିଥିଲା। ଏହି ଆନ୍ଦୋଳନ ପୋଲିସ ବିରୋଧରେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଥିଲା। ତେଣୁ ସ୍ୱତଃପ୍ରବୃତ୍ତ ଭାବେ ସେମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହେଇଥିବା ଚର୍ଚ୍ଚା ହେଉଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ଭଙ୍ଗାରୁଜା ବେଳେ ଅଧିକାଂଶ ଅସାମାଜିକ ବ୍ୟକ୍ତି ରହିଥିବା ଦେଖିବାକୁ ମିଳିଥିଲା। ଏହା ପଛରେ ବି ସେବାୟତଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସମ୍ପୃକ୍ତି ରହିଥାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ହିଂସା ପଛରେ ସବୁଠାରୁ ବଡ଼ କାରଣ ହେଉଛି ପୋଲିସର ଅପାରଗତା। ସାଧାରଣତଃ ବନ୍ଦ ପାଳନ ବେଳେ ପୋଲିସ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରିଥାଏ। ୧ ତାରିଖର ଧାଡ଼ି ଦର୍ଶନ ପରେ ପରେ ଶ୍ରୀଜଗନ୍ନାଥ ସେନା ପୁରୀ ବନ୍ଦ ଡାକରା ଦେଇଥିଲା। ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ବର୍ଷକରେ ଅଧିକାଂଶ ସମୟ ବିଭିନ୍ନ ଦାବି ନେଇ ଧାରଣା ଓ ବିକ୍ଷୋଭ ଆଦି କରିଥାନ୍ତି। ଏହି ବନ୍ଦ ଡାକରା ଏତେଟା ଫଳପ୍ରଦ ହେବ ନାହିଁ ବୋଲି ପୋଲିସ ଭାବି ନେଇଥିଲା। ବନ୍ଦ ପାଇଁ ବ୍ୟାପକ ପ୍ରସ୍ତୁତି କରି ନ ଥିଲା। ପ୍ରିୟଦର୍ଶନଙ୍କୁ କବ୍‌ଜାକୁ ନେଇଗଲେ ଆନ୍ଦୋଳନ ଫସର ଫାଟିବ ବୋଲି ପୋଲିସ ଭାବି ଦେଇଥିଲା। ବୁଧବାର ସକାଳୁ ପ୍ରିୟଦର୍ଶନଙ୍କୁ ତାଙ୍କ ଘରୁ ଉଠାଇ ନେଇଥିଲା। କିନ୍ତୁ ଯେତେବେଳେ ଆନ୍ଦୋଳନକାରୀ ସହର ପରିକ୍ରମା କରି ଦୋକାନ ବଜାର ବନ୍ଦ କରିବା ପାଇଁ ଜୁଲମ୍ କରୁଥିଲେ ସେଠାରେ ପୋଲିସକୁ ଦେଖିବାକୁ ମିଳି ନ ଥିଲା। ସେବାୟତ ଓ ସାଧାରଣ ଲୋକେ ପ୍ରଥମେ ସିଂହଦ୍ୱାର ଓ ବାଇଶିପାହାଚ ବ୍ୟାରିକେଡ ଭଙ୍ଗାରୁଜା କରିଥିଲେ। ସେମାନଙ୍କୁ ପ୍ରତିହତ କରିବା ପାଇଁ ସେଠାରେ ପର୍ଯ୍ୟାପ୍ତ ପୋଲିସ ନ ଥିଲେ। ଯଦି ପୋଲିସ ସେହିଠାରେ ଆନ୍ଦୋଳନକାରୀଙ୍କୁ ମୁକାବିଲା କରିଥାନ୍ତେ ଏହି ହିଂସା ଆଗକୁ ବଢି ନ ଥାନ୍ତା ବୋଲି କୁହାଯାଉଛି। ପୋଲିସର ନିଷ୍କ୍ରିୟତା ଯୋଗୁ ଆନ୍ଦୋଳନକାରୀମାନେ ଗୋଟିକ ପରେ ଗୋଟିଏ ହିଂସା ଘଟାଇ ସରକାରୀ ସମ୍ପତ୍ତି ନଷ୍ଟ କଲେ।

**ଅପ୍ରସ୍ତୁତ ପୋଲିସ**

# ୬୦ ଲକ୍ଷରେ ଟିକେଟ ହାତେଇଥିଲେ ସମୀର : ଦାମ

ନିମାପଡ଼ା,୩।୧୦(ଡି.ଏନ୍.ଏ.):

ନିମାପଡ଼ା ଦେବୀ ମଣ୍ଡପ ସମ୍ମୁଖ ପଡିଆରେ ବୁଧବାର ଅନୁଷ୍ଠିତ ଏକ ସଭାରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଡା.ଦାମୋଦର ରାଉତ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ବିଜେଡି ନେତୃତ୍ୱାଧୀନ ସରକାରକୁ କଡା ସମାଲୋଚନା କରି ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବେ ଦୁର୍ନୀତିକୁ ନୀତି କରିସାରିଛନ୍ତି। ୨୦ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ନ କହିପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କୁନ୍ଦୁଲି ଗଣବଳାତ୍କାରରେ ଶିକାର ହୋଇ ମୃତ୍ୟୁ ହୋଇଥିବା ଆଦିବାସୀ ବାଳିକାଙ୍କୁ ରାଜ୍ୟ ସରକାର ନ୍ୟାୟ ଦେଇ ନ ପାରିବା ଅତ୍ୟନ୍ତ ଦୁଃଖର ବିଷୟ। ରାଜ୍ୟରେ ଯୁବ ବାହିନୀ ଗଠନ କରି ଯୁବକମାନଙ୍କୁ ବାଟବଣା କରିଦେଇଛନ୍ତି ବୋଲି ଡା. ରାଉତ କହିଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କୁ ଟାର୍ଗେଟ କରିଥିଲେ। ୨୦୧୪ ନିର୍ବାଚନରେ ଜଣେ ପୂର୍ବତନ ମନ୍ତ୍ରୀଙ୍କୁ ୬୦ ଲକ୍ଷ ଟଙ୍କା ଦେଇ ଟିକେଟ ହାତେଇଥିଲେ ବୋଲି କହିଥିଲେ ଡା. ରାଉତ। ତେବେ ଏହାକୁ ବିଧାୟକ ଦାଶ ଖଣ୍ଡନ କରି କହିଛନ୍ତି ଯେ, ୨୦୧୦ରେ ଖଣି ଦୁର୍ନୀତିକୁ ରୋକିବା ଦିଗରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଧାୟକ ହେବା ପାଇଁ ଟିକେଟ ଆଣିବାକୁ ସେ କାହାକୁ ଟଙ୍କା ଦେଇ ନାହାନ୍ତି। ଡା. ରାଉତଙ୍କ ଏଭଳି କଥା କହିବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବିଧାୟକ ଦାଶ କହିଛନ୍ତି।

ରାଜ୍ୟ ଦୁର୍ନୀତି ସଂଘର୍ଷ ମଞ୍ଚ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ 'ଦୁର୍ନୀତି ହଟାଇବାରେ ସୂଚନା ଅଧିକାର ଆଇନର ଭୂମିକା' ଶୀର୍ଷକ ଏହି ଆଲୋଚନା ସଭାର ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବି ଦାସ, କଂଗ୍ରେସ ମିଡିଆସେଲ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ, ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଦୁର୍ନୀତି ସଂଘର୍ଷ ମଞ୍ଚର ରାଜ୍ୟ ସମ୍ପାଦକ ଆଇନଜୀବୀ ସୁଧୀର ମହାନ୍ତି, ଦିବାକର ନାୟକ, ସନ୍ତୋଷ ପ୍ରଧାନ, ଗଦାଧର ପରିଡା, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦୁର୍ନୀତି ସଂଘର୍ଷ ମଞ୍ଚର ରାଜ୍ୟ ସମ୍ପାଦକ ସୁଧୀର ମହାନ୍ତି ଅଧ୍ୟକ୍ଷତା କରିଥିଲେ।




ଆଲୋଚନା ସଭାରେ ଯୋଗ ଦେଇଥିବା ଅତିଥିମାନେ ।

- ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ
- ଦାମଙ୍କ ଅଭିଯୋଗକୁ ଖଣ୍ଡନ କଲେ ବିଧାୟକ

### ମଧୁମେହ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ

କଣାସ,୩।୧୦(ସ୍ୱ.ପ୍ର./ଡି.ଏନ୍.ଏ.): କଣାସ ପଞ୍ଚାୟତ ସମିତି ନିକଟ ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପରମହଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂସ୍ଥା ରିଶ୍ୱା ପକ୍ଷରୁ ବୁଧବାର ମଧୁମେହ ନିରାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ନର୍ଥ ଇଣ୍ଡିଆନ ଏଜୁକେଶନାଲ୍ ଟ୍ରଷ୍ଟ ଜରିଆରେ ପରିଚାଳିତ ଆଇଏନଡିସିପି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ଯୋଗଦାନକରି ମଧୁମେହର ଅପକାରିତା ଓ ନିରାକରଣ ସମ୍ପର୍କରେ ବୁଝିଥିଲେ । ଡେଲାଙ୍ଗ ଓ କଣାସ ବ୍ଲକର ୪୩ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରି ରୋଗୀ ଚିହ୍ନଟ କରି ସେମାନଙ୍କୁ ଚିକିତ୍ସା ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ମାଗଣାରେ ଔଷଧ ଯୋଗାଇଦେବେ। ସ୍ୱେଚ୍ଛାସେବୀମାନଙ୍କୁ ୩ ମାସିଆ ଟ୍ରେନିଂ ଦିଆଯିବ । କଣାସ ଡେଲାଙ୍ଗ ବ୍ଲକର ରିଶ୍ୱାର ଭାରପ୍ରାପ୍ତ ଅଧିକାରୀ ପଠାଣୀ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବିଡିଓ ପ୍ରତିଭା ସାହୁ ଉଦ୍‌ଘାଟନ କରିଥିଲେ । ଥାନା ଅଧିକାରୀ ସଞ୍ଜୟ ନାୟକ, ମହେନ୍ଦ୍ର କୁମାର ଦାସ, ଭାନୁ ପ୍ରଧାନ, ଡାକ୍ତର ଶିବବ୍ରତ କରଣ, ସୁଷମା କୁମାରୀ ବେହେରା, ସୁଶାନ୍ତ କୁମାର ଜେନା, ସ୍ମୃତିରଞ୍ଜନ ଦାସ, ରବିନାରାୟଣ ସ୍ୱାଇଁ, ଦାଶରଥି ବାରିକ, ଉପେନ୍ଦ୍ର ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ମଧୁମେହ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

# ପୁରୀର ଦୁଇ କଲେଜରେ ନାମାଙ୍କନପତ୍ର ଦାଖଲ

ପୁରୀ ଅଫିସ,୩।୧୦ :

ଛାତ୍ର ସଂସଦ ନିର୍ବାଚନ ଲାଗି ବୁଧବାର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟରେ ବିଭିନ୍ନ ପଦବୀ ଲାଗି ନାମାଙ୍କନପତ୍ର ଦାଖଲ ହୋଇଥିଲା। ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କ ସହିତ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ସରକାରୀ ମହିଳା ମହାବିଦ୍ୟାଳୟରେ ସଭାପତି ପଦବୀରେ ୪, ଉପସଭାପତି ପାଇଁ ୨, ସମ୍ପାଦକ ୩, ଯୁଗ୍ମ ସମ୍ପାଦକ ୨, କ୍ରୀଡା ସଂସଦ ୨, ନାଟ୍ୟ ସଂସଦ ୨ ଓ ଓଡ଼ିଶା ସାହିତ୍ୟ ସଂସଦ ପଦବୀରେ ୨ଜଣଙ୍କ ସମେତ ଅନ୍ୟ ପଦବୀରେ ମୋଟ ୨୬ ନାମାଙ୍କନପତ୍ର ଦାଖଲ କରାଯାଇଥିବା ଛାତ୍ରୀ ସଂସଦ ଉପଦେଷ୍ଟା ଡ. ନିହାରିକା ଦାଶ କହିଛନ୍ତି। ସେହିପରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ସଭାପତି ପଦବୀ ପାଇଁ ୪, ଉପସଭାପତିରେ ୩, ସମ୍ପାଦକ ୨, ଯୁଗ୍ମ ସମ୍ପାଦକ ୨, କ୍ରୀଡା ସଂସଦ ଓ ନାଟ୍ୟ ସଂସଦରେ ୨ ନାମାଙ୍କନପତ୍ର ଦାଖଲ ହୋଇଛି। ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଛାତ୍ର ସଂସଦ ଉପଦେଷ୍ଟା ଡ.ସୁଜତା ମିଶ୍ର କହିଛନ୍ତି।

ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲା। ପ୍ରଥମେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଆସି ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ଛାତ୍ର କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। କ୍ୟାମ୍ପସଗୁଡିକରେ ଉତ୍ତପ୍ତତା ଲାଗି ରହିଥିବାବେଳେ ସରକାରୀ ମହିଳା ମହାବିଦ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପ୍ରଥମେ ବିସିଜେଡି ଏବଂ ପରେ ଏବିଭିପି ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଥିଲେ।

**ମହିଳା କଲେଜରେ ଦୁଇଗୋଷ୍ଠୀ ମୁହାଁମୁହିଁ**



ନାମାଙ୍କନ ପତ୍ର ଦାଖଲ ପାଇଁ ଯାଉଥିବା ଏସ୍‌ସିଏସ୍ କଲେଜର ପ୍ରାର୍ଥୀମାନେ ।